EXPRESSES THE TRUTH

# ଓଡ଼ିଶା ସନ୍ଦେଶ

ପ୍ରକାଶ କରେ କେବଳ ସତ୍ୟ
/Odisha Sandesh
Website : www.odishasandesh.in
E-mail:odishasandesh.news@gmail.com

Weekly
ସାପ୍ତାହିକ

RNI NO : ODIODI/2006/19914

ODISHA SANDESH

ପ୍ରତିଷ୍ଠାତା: ୰ ହରେନ୍ଦ୍ର କିଶୋର ଦାସ

● ବର୍ଷ- ୧୬ ● ସଂଖ୍ୟା-୩୫● ଭୁବନେଶ୍ୱର ● ମଇ ୧୬-୨୨,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 35● Bhubaneswar ● May 16-22, 2022 ● Page- 8 ● ₹ .3.00





ପରଲୋକରେ ମହାନ୍ ଅଷ୍ଟ୍ରେଲୀୟ କ୍ରିକେଟ୍‌ର

ପୃଷ୍ଠା-୭



ଦାନ୍ତ ସଫାକରିବା ପାଇଁ ଘରୋଇ ଉପଚାର

ପୃଷ୍ଠା-୬



ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀଙ୍କ ଭେଟୁଛନ୍ତି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନ୍

## ୨୫ତମ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କଲେ ରାଜୀବ କୁମାର

ନୂଆଦିଲ୍ଲୀ ,(ପିଆଇବି): ଶ୍ରୀ ରାଜୀବ କୁମାର ଆଜି ନୂଆଦିଲ୍ଲୀସ୍ଥିତ ନିର୍ବାଚନ ସଦନ ଠାରେ ଭାରତର ୨୫ ତମ ମୁଖ୍ୟ ନିର୍ବାଚନ କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ରାଜୀବ କୁମାର ୧ ସେପ୍ଟେମ୍ବର, ୨୦୨୦ରୁ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ରେ ନିର୍ବାଚନ କମିଶନର ଭାବରେ କାର୍ଯ୍ୟ କରି ଆସୁଛନ୍ତି । ନିର୍ବାଚନ କମିଶନର ଭାବରେ ତାଙ୍କର କାର୍ଯ୍ୟକାଳ ସମୟରେ, ୨୦୨୦ରେ ବିହାର ରାଜ୍ୟ ବିଧାନସଭା ନିର୍ବାଚନ, କୋଭିଡ୍ର ସମସ୍ୟା ଭିତରେ ମାର୍ଚ୍ଚ – ଏପ୍ରିଲ୍ ୨୦୨୧ରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ, ପଶ୍ଚିମବଙ୍ଗ ରାଜ୍ୟରେ ନିର୍ବାଚନ ଏବଂ ଏବେ ୨୦୨୨ର ପ୍ରାରମ୍ଭିକ ପର୍ଯ୍ୟାୟରେ ଗୋଆ, ମଣିପୁର, ପଞ୍ଜାବ, ଉତରାଖଣ୍ଡ, ଉତର ପ୍ରଦେଶରେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଛି ।

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଭାବରେ ଦାୟିତ୍ୱ ଗ୍ରହଣ




କରିବା ପରେ, ଶ୍ରୀ ରାଜୀବ କୁମାର କହିଛନ୍ତି ଯେ, ଭାରତୀୟ ସମ୍ବିଧାନ, ଯାହା ଆମ ଗଣତନ୍ତ୍ରକୁ ମଜଭୁତ କରିଥାଏ, ତାହା ଦ୍ୱାରା ଉପହାର ଭାବରେ ଦିଆଯାଇଥିବା ଉତମ ସଂସ୍ଥା ଗୁଡିକ ମଧ୍ୟରୁ ଗୋଟିଏର ନେତୃତ୍ୱ ନେବା ପାଇଁ ଦାୟିତ୍ୱ ଦିଆ ଯାଇଥିବାରୁ ମୁଁ ଗୌରବାନ୍ୱିତ ଅନୁଭବ କରୁଛି । ସେ କହିଥିଲେ ଯେ, ଗତ ସତୁରି ବର୍ଷ ମଧ୍ୟରେ ଆମ ଦେଶର ନାଗରିକ ମାନଙ୍କୁ ସ୍ୱତନ୍ତ୍ର ଏବଂ ନିରପେକ୍ଷ ନିର୍ବାଚନ ସୁବିଧା ଦେବା ପାଇଁ, ମତଦାତା ମାନଙ୍କର ତାଲିକାର ଶୁଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ, ଭ୍ରଷ୍ଟାଚାରକୁ ରୋକିବା ପାଇଁ ଏବଂ ଆମର ନିର୍ବାଚନର ଗୁଣବତ୍ତାକୁ ବୃଦ୍ଧି କରିବା ନିମନ୍ତେ କମିଶନ ଦ୍ୱାରା ବହୁତ କିଛି କରା ଯାଇଛି ।

ସେ ଆହୁରି ମଧ୍ୟ କହିଥିଲେ ଯେ, "କମିଶନ ସମ୍ବିଧାନ ନିୟମ ଅନୁସାରେ କୌଣସି ବି ବୃହତ ସଂସ୍କାର ଆଣିବା ନିମନ୍ତେ ପରାମର୍ଶ ଏବଂ ସର୍ବସମ୍ମତି ଭିତିରେ ସମୟ – ପରୀକ୍ଷଣ ଏବଂ ଲୋକତାନ୍ତ୍ରିକ ମାଧ୍ୟମ ଗୁଡିକର ➲ପୃଷ୍ଠା-୭ ଦେଖନ୍ତୁ

## ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଏନଏସଡ଼ିସିଆଇ ଇଣ୍ଟରନ୍ୟାସନାଲ-ହିନ୍ଦୁସ୍ତାନ ପୋର୍ଟ ମଧ୍ୟରେ ଏମଓୟୁ

ନୂଆଦିଲ୍ଲୀ/ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଉପସାଗରୀୟ ଦେଶ ତଥା ବିଶ୍ୱ ବଜାର ପାଇଁ ଦକ୍ଷ ମାନବସମ୍ବଳ ପ୍ରସ୍ତୁତ ନିମନ୍ତେ ବାରଣାସୀ ଠାରେ ସ୍କିଲ ଇଣ୍ଡିଆ ଇଂଟରନ୍ୟାସନାଲ ସେଂଟର ପ୍ରତିଷ୍ଠା କରାଯିବ । ଏ ନେଇ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଜାତୀୟ ଦକ୍ଷତା ବିକାଶ ଉଦ୍ୟୋଗ ତଥା ଏନଏସଡ଼ିସିଆଇ ଇଂଟରନ୍ୟାସନାଲ



(ଏନଏସଡ଼ିସିଆଇ) ଏବଂ ଡିପି ୱାର୍ଲଡର ଭାରତୀୟ ୟୁନିଟ୍, ହିନ୍ଦୁସ୍ତାନ ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି ।

ଏହି ଏମଓୟୁ ଦ୍ୱାରା ଉତରପ୍ରଦେଶର ବାରଣାସୀ ଠାରେ ସ୍କିଲ ଇଣ୍ଡିଆ ଇଂଟରନ୍ୟାସନାଲ ସେଂଟରକୁ ବିକଶିତ କରାଯିବ । ବିଦେଶରେ ରୋଜଗାର ପାଇଁ ଇଚ୍ଛୁକ ଥିବା ଦେଶର ଯୁବବର୍ଗଙ୍କ ଲଜିଷ୍ଟିକ୍, ବନ୍ଦର ପରିଚାଳନା ଓ ସମତୁଲ୍ୟ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯିବ । ଏଠାରେ ଅନ୍ତରାଷ୍ଟ୍ରୀୟ ସ୍ତରର ଦକ୍ଷତା ପ୍ରଦାନ କରିବା ସହ ବିଶ୍ୱ ବଜାର ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରାଯିବା ନେଇ ଏହି ➲ପୃଷ୍ଠା-୭ ଦେଖନ୍ତୁ

## ପ୍ରତ୍ୟକ୍ଷ ବିକ୍ରୟ କ୍ଷେତ୍ରରେ ଉପଭୋକ୍ତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ : ରଣେନ୍ଦ୍ର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଉପଭୋକ୍ତାଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ସିଧାସଳଖ ବିକ୍ରୟ ବ୍ୟବସାୟରେ ଉପଭୋକ୍ତାଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରାଯିବା ଉଚିତ । ପ୍ରତ୍ୟକ୍ଷ ବିକ୍ରେତାଙ୍କ ଉତ୍ପାଦର ଯାଂଚ ପାଇଁ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ଭୁବନେଶ୍ୱରରେ ଇଣ୍ଡିଆନ୍ ଡାଇରେକ୍ଟ ସେଲିଂ ଆସୋସିଏସନ୍




ଦ୍ୱାରା ଆୟୋଜିତ ଓଡିଶା ପ୍ରତ୍ୟକ୍ଷ ବିକ୍ରୟ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ସ୍ୱାଇଁ କହିଛନ୍ତି ଯେ ସିଧାସଳଖ ବିକ୍ରୟ ସଂସ୍ଥା ତଥା ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରତ୍ୟକ୍ଷ ବିକ୍ରେତାଙ୍କ ସମ୍ପର୍କରେ ସେମାନଙ୍କର ଠିକଣା, କର୍ମଚାରୀ ଏବଂ ଉତ୍ପାଦ ବିଷୟରେ ସବିଶେଷ ତଥ୍ୟ ଭାରତୀୟ ପ୍ରତ୍ୟକ୍ଷ ବିକ୍ରୟ ସଂଘ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ଯଦ୍ୱାରା ଅସାଧୁ ଏବଂ ପ୍ରକୃତ ବିକ୍ରେତାଙ୍କ ମଧ୍ୟରେ ପାର୍ଥକ୍ୟ କରିବାକୁ ଉପଭୋକ୍ତା ସକ୍ଷମ ହେବେ । ପ୍ରତ୍ୟକ୍ଷ ବିକ୍ରୟକାରୀ ସଂସ୍ଥା ତଥା ପ୍ରତ୍ୟକ୍ଷ ବିକ୍ରେତାଙ୍କ କାର୍ଯ୍ୟକଳାପ ➲ପୃଷ୍ଠା-୭ ଦେଖନ୍ତୁ

## ଅନୁନ୍ନତ ଜିଲ୍ଲାରେ ଅଧିକ ଏମ୍ଏସ୍ଏମ୍ଇ ଶିଳ୍ପ ପ୍ରତିଷ୍ଠା ଉପରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗୁରୁତ୍ୱ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶିଳ୍ପର ପ୍ରମୁଖ ଭୂମିକା ରହିଛି । ବୃହତ୍ ଶିଳ୍ପ ପାଇଁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ଅନେକ ସମସ୍ୟା ଦେଖା ଦେଉଥିବାବେଳେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ଅପେକ୍ଷାକୃତ ସହଜ ଓ ସରଳ । ଏହି ଶିଳ୍ପ ଅନେକ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ସହ ସେମାନଙ୍କୁ ନିଜ ଅଞ୍ଚଳରେ ଆତ୍ମନିର୍ଭର ହେବାର ବାଟ ଦେଖାଇବ । ତେଣୁ ଶିଳ୍ପ ଅନୁନ୍ନତ ଜିଲ୍ଲାଗୁଡ଼ିକରେ ଅଧିକରୁ ଅଧିକ ଏମ୍ଏସ୍ଏମ୍ଇ ଶିଳ୍ପ ପ୍ରତିଷ୍ଠା କରି ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ଉପରେ ଶିଳ୍ପ, ଶକ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ (ରାଷ୍ଟ୍ର) ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମତବ୍ୟକ୍ତ କରିଛନ୍ତି ।

ବିଭାଗ ପକ୍ଷରୁ ଭର୍ଚୁଆଲ ଯୋଗେ




ଅନୁଷ୍ଠିତ ୫-'ଟି' ବୈଠକରେ ଯୋଗଦେଇ ମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ର କହିଲେ ଯେ ଏବେ ହୋଇଥିବା ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ସାଧାରଣ ଲୋକେ ପାଇପାରିବେ ତାହା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ପ୍ରଧାନ ଆଭିମୁଖ୍ୟ । ତେଣୁ ଲୋକଙ୍କ ଆସ୍ଥାଭାଜନ ହେବା ଭଳି ଯୋଜନା ପ୍ରଣୟନ ସହ ବିଭିନ୍ନ ବିଭାଗ ➲ପୃଷ୍ଠା-୭ ଦେଖନ୍ତୁ

## ବ୍ରାହ୍ମଣୀ ସେତୁକୁ ଯାତାୟତ ଉପଯୋଗୀ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଦିନିଆ ରାଉରକେଲା ଗସ୍ତରେ ଆସିଥିବା ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଦ୍ୱିତୀୟ ଦିନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ଅଗ୍ରଗତି ସମୀକ୍ଷା କରିଥିଲେ । ପୂର୍ବାହ୍ନରେ ସେ ବିପିୟୁଟି କ୍ୟାମ୍ପସରେ ନିର୍ମାଣାଧୀନ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ବୁଲି



ଦେଖିବା ସହ ବ୍ରାହ୍ମଣୀ ନଦୀ ଉପରେ ଚାଲିଥିବା ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ ।

କ୍ଷେତ୍ର ପରିଦର୍ଶନ କରିବା ପରେ ମୁଖ୍ୟ ଶାସନ ସଚିବ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, ବ୍ରାହ୍ମଣୀ ନଦୀ ଉପରେ ଯେଉଁ ଦ୍ୱିତୀୟ ସେତୁ ନିର୍ମାଣ ଚାଲିଛି ତାହା ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜନସାଧାରଣଙ୍କ ସୁବିଧା ପାଇଁ ଏହି ସେତୁର ➲ପୃଷ୍ଠା-୭ ଦେଖନ୍ତୁ

### ବାଚସ୍ପତିଙ୍କ ସହ ଅଷ୍ଟ୍ରେଲିଆ ଅଧିକାରୀଙ୍କ ସୌଜନ୍ୟମୂଳକ ସାକ୍ଷାତ

## ଓଡିଶା ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବାକୁ ପରାମର୍ଶ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶା ବିଧାନସଭାର ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହିତ କୋଲକତାରେ ଅବସ୍ଥାପିତ ଅଷ୍ଟ୍ରେଲିଆର ଡେପୁଟି କନ୍‌ସଲ୍ ଜେନେରାଲ୍ ହାନିରାଲ୍ ସିମ୍ ଓ ବରିଷ୍ଠ ସମ୍ବଳ ଅଧିକାରୀ ଆଞ୍ଜେଲିନା ନାୟାର ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୌଜନ୍ୟସାକ୍ଷାତ କରି ରାଜ୍ୟ ରାଜନୀତିରେ ନାରୀମାନଙ୍କର ସ୍ଥିତି, ଶାସନକୁ ବ୍ୟବସ୍ଥିତ କରିବାରେ ନାରୀଶକ୍ତିର ଭୂମିକା, ନାରୀ ସଶକ୍ତିକରଣ ଓ ଅଷ୍ଟ୍ରେଲିଆ ଏବଂ ଓଡିଶାର ସଂସଦୀୟ ବିଧିବ୍ୟବସ୍ଥା ଉପରେ ଆଲୋଚନା କରିଛନ୍ତି । ଏହି ସୌଜନ୍ୟସାକ୍ଷାତ ସମୟରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟିକା ଉଷାଦେବୀ, ଲତିକା ପ୍ରଦାନ, ସୂର୍ଯ୍ୟମଣି ବୈଦ୍ୟ, ବାସନ୍ତି ହେମ୍ବ୍ରମ୍, କୁସୁମ ଟେଟେ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର, ଗ୍ଲୋବାଲ ପଲିସି ରିସର୍ଚ୍ଚ ଫାଉଣ୍ଡେସନର ଟିମ୍‌ଲିଡ୍ ସିନି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନାରୀ ସଶକ୍ତିକରଣ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଓଡିଶା ଓ ଅଷ୍ଟ୍ରେଲିଆ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେବା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ସରକାର ସବୁବେଳେ ନାରୀ ସଶକ୍ତକରଣ ➲ପୃଷ୍ଠା-୭ ଦେଖନ୍ତୁ

### ରାଜ୍ୟସ୍ତରୀୟ ବନଖଣ୍ଡ ଅଧିକାରୀ ସମ୍ମିଳନୀ ଉଦ୍‌ଯାପିତ

## ତୃଣମୂଳସ୍ତରରେ ବନ ସୁରକ୍ଷା ସମିତି ଏବଂ ଗରିବଲୋକଙ୍କୁ ଅଧିକ ସମ୍ପୃକ୍ତ କରାଯିବ : ବିକ୍ରମ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଜଙ୍ଗଲ ସଂପଦର ସଂରକ୍ଷଣ ଓ ଅଭିବୃଦ୍ଧି ସମେତ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ବନଖଣ୍ଡ ଅଧିକାରୀମାନେ ପ୍ରାଥମିକତା ଦେବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପରାମର୍ଶ ଦେଇଛନ୍ତି । ତୃଣମୂଳସ୍ତରରେ ବନସୁରକ୍ଷା ସମିତି ଏବଂ ଗରିବ ଲୋକମାନଙ୍କୁ ଅଧିକ ସଂଖ୍ୟାରେ ସମ୍ପୃକ୍ତ କରାଗଲେ ଆମ ଜଙ୍ଗଲ ସମ୍ପଦର ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ତା. ୧୩.୦୫.୨୨ରିଖ ଉଦ୍‌ଯାପିତ୍ ରାଜ୍ୟସ୍ତରୀୟ ବନଖଣ୍ଡ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଆରୁଖ ଉପରୋକ୍ତ ମର୍ମରେ ସମ୍ମିଳନୀରୁ ଉପଲବ୍ଧ ଜ୍ଞାନକୁ ବନଖଣ୍ଡ ଅଧିକାରୀମାନେ ଯଥାର୍ଥ ଭାବେ ବିନିଯୋଗ କରିବାକୁ ମତ ଦେଇଛନ୍ତି । ଲୋକସେବା ଭବନ କନଭେନସନ୍ ସେଂଟରରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ବନଖଣ୍ଡ ଅଧିକାରୀ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଦୁଇଦିନିଆ ସମ୍ମିଳନୀରେ ରାଜ୍ୟରେ ଜଙ୍ଗଲ ସୁରକ୍ଷା, ଜଙ୍ଗଲର ପୋଷଣୀୟ ପରିଚାଳନା, ବ୍ୟାପକ ବନୀକରଣ, 'କାମ୍ପା' ପାଣ୍ଠିର ସମୁଚିତ ଉପଯୋଗ, ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ଜଙ୍ଗଲ ଜମିର କିସମ ପରିବର୍ତ୍ତନ, ବନ୍ୟଜନ୍ତୁ ସୁରକ୍ଷା ସହିତ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସମ୍ବନ୍ଧୀୟ ପ୍ରସଙ୍ଗଗୁଡିକ ଉପରେ ବହୁବିଧ ପ୍ରସ୍ତାବ ଏବଂ ମତାମତ ସମ୍ମଳିତ ଆଲୋଚନା ଓ ସମୀକ୍ଷା କରାଯାଇଛି । ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ ଜଙ୍ଗଲ ନିଆଁ ହ୍ରାସ ଦିଗରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନଖଣ୍ଡ ଅଧିକାରୀମାନେ ପ୍ରସ୍ତୁତ ରହିବା ଆବଶ୍ୟକ । ଜଙ୍ଗଲ ପାର୍ଶ୍ୱବର୍ତୀ ଅଂଚଳରେ ବ୍ୟାପକ ଜନସଚେତନତା ସୃଷ୍ଟି ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନ ପାଇଁ ଅଧିକ କ୍ରିୟାଶୀଳ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ➲ପୃଷ୍ଠା-୭ ଦେଖନ୍ତୁ

## ଢେଙ୍କାନାଳ ଜିଲ୍ଲା ସରାଙ୍ଗ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

# ନବୋଦୟ ବିଦ୍ୟାଳୟକୁ ଗୁଣାତ୍ମକ ଶିକ୍ଷାର ପ୍ରୟୋଗଶାଳା କରିବା ପାଇଁ ସାମୂହିକ ସଙ୍କଳ୍ପ ନେବା: ଧର୍ମେନ୍ଦ୍ର



ଢେଙ୍କାନାଳ, (ସଂଦେଶ ବ୍ୟୁରୋ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଢେଙ୍କାନାଳ ଜିଲ୍ଲା ସରାଙ୍ଗ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିବା ସହ ଶିକ୍ଷାନୁଷ୍ଠାନକୁ ଜ୍ଞାନର ମନ୍ଦିର ତଥା ଗୁଣାତ୍ମକ ଶିକ୍ଷାର ପ୍ରୟୋଗଶାଳା କରିବା ପାଇଁ ସାମୂହିକ ସଙ୍କଳ୍ପ ନେବାକୁ ଆହ୍ୱାନ କରିଛନ୍ତି।

ଶ୍ରୀ ପ୍ରଧାନ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିବା ସହ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ, ପାଠାଗାର ଓ ଛାତ୍ରାବାସ ବୁଲି ଦେଖିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ପ୍ରଣୟନ ହୋଇଥିବା ଜାତୀୟ ଶିକ୍ଷା ନୀତି ୨୦୨୦ରେ ଗୁଣାତ୍ମକ ଶିକ୍ଷା ସହ ରୋଜଗାର ଆଧାରିତ ଶିକ୍ଷା ଉପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ ପରେ ଉଚ୍ଚ ଶିକ୍ଷା ପାଇଁ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇ ସଫଳ ହେଉଥିବା ଜାଣିବାକୁ ପାଇବା ନେଇ ଖୁସିବ୍ୟକ୍ତ କରିଥିଲେ କେନ୍ଦ୍ରମନ୍ତ୍ରୀ।ସେ କହିଛନ୍ତି ଯେ ଦେଶ ଆଜି ଅମୃତ କାଳରେ ଉପନୀତ ହୋଇଛି। ଏହି ଅମୃତ ବେଳାରେ ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ବିଚାରଧାରାକୁ ଛାତ୍ରଛାତ୍ରୀମାନେ ଆପଣାଇବା ଦରକାର। ଏହାସହ ବିଦ୍ୟାଳୟ ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଛାତ୍ରଛାତ୍ରୀମାନେ ଦାୟିତ୍ୱ ନେବା ଦରକାର। ଜୀବନର ମୁଖ୍ୟ ଉଦ୍ଦେଶ୍ୟକୁ ସଫଳ ଭାବେ ରୂପାୟନ କରିବା ଦରକାର। ଜବାହର ନବୋଦୟ ବିଦ୍ୟାଳୟ ଗ୍ରାମାଂଚଳର ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ପୃଷ୍ଠଭୂମିର ମେଧାବୀ ପିଲା ମାନଙ୍କୁ ଚୟନ କରି ସେମାନଙ୍କୁ ଶିକ୍ଷାଦାନର ଏକ ନୂଆ ପରମ୍ପରା ତିଆରି କରିଛି।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେଲା ଦୁଗ୍ଧଚାଷୀ ମହାସଂଘ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ):ଦୁଗ୍ଧଚାଷୀ ମାନଙ୍କର ସମସ୍ୟା ଉପରେ ଓ ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଦାବି କରି ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସଂପଦ ଓ ଦୁଗ୍ଧ ଉତ୍ପାଦନ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ସଂଜୀବ କୁମାର ବଲିୟାନ୍‌ଙ୍କୁ ସ୍ଥାନୀୟ ମେ ଫେୟାର ହୋଟେଲ୍‌ଠାରେ ସ୍ଥାନୀୟ ମେ'ଫେୟାର ହୋଟେଲ୍ ଠାରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ଏକ ତିନିଜଣିଆ ପ୍ରତିନିଧି ଦଳ ଏହାର ରାଜ୍ୟ ଅଧକ୍ଷ ରବି ବେହେରାଙ୍କ ଅଧକ୍ଷତାରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ସ୍ମାରକପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ ସମଗ୍ର ବିଶ୍ୱରେ ଭାରତବର୍ଷ ଦୁଗ୍ଧ ଉତ୍ପାଦନରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ ମଧ୍ୟ ସ୍ୱାଧୀନତାର ୭୫ ବର୍ଷ ପରେ କେନ୍ଦ୍ର ସରକାର ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ଅନ୍ୟାନ୍ୟ କୃଷି ସାମଗ୍ରୀ ଭଳି ଏପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି । ଫଳରେ ୧୪କୋଟି ଦୁଗ୍ଧଉତ୍ପାଦନକାରୀ ଅର୍ଥନୈତିକ ଶୋଷଣର ଶିକାର ହେବା ସହିତ ଅଭାବୀ ବିକ୍ରିର ସମ୍ମୁଖୀନ ମଧ୍ୟ ହେଉଛନ୍ତି । କରୋନା ତିରୋଟ ସମୟରେ ରାଜ୍ୟ ସରକାର ଓ ଦୁଗ୍ଧ ସମବାୟ ସଂସ୍ଥାମାନେ ଚାଷୀମାନଙ୍କଠାରୁ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ କ୍ରୟ ନ କରିବା ଯୋଗୁଁ ସେମାନେ ଅର୍ଥନୈତିକ ଦୁରବସ୍ଥାର ସମ୍ମୁଖୀନ ହେଲେ ।

# ଶିକ୍ଷା ବଞ୍ଚାଅ - ଓଡ଼ିଶା ବଞ୍ଚାଅ ଅଭିଯାନ ପକ୍ଷରୁ ଗଣଧାରଣା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଶା ମାଧ୍ୟମିକ ଶିକ୍ଷକ ନିଯୁକ୍ତି ଦୁର୍ନୀତି ବିରୁଦ୍ଧରେ ସି.ବି.ଆଇ. ତଦନ୍ତ ସହ ମେଧାବୀ ଶିକ୍ଷକ ଆଶାୟୀଙ୍କୁ ନ୍ୟାୟ ଦାବିରେ ଏ.ଆଇ.ଏସ୍.ଏଫ୍. ନେତୃତ୍ୱରେ 'ଶିକ୍ଷା ବଞ୍ଚାଅ - ଓଡ଼ିଶା ବଞ୍ଚାଅ ଅଭିଯାନ' ପକ୍ଷରୁ ୧୧ ତାରିଖଠାରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ ସୁଦ୍ଧା ଦୁର୍ନୀତିର ଘଣ୍ଟ ଘୋଡାଇବା ପାଇଁ ଶିକ୍ଷା ବିଭାଗର କୌଣସି ଉଚ୍ଚ ଅଧିକାରୀ ଏହି ଆନ୍ଦୋଳନକାରୀଙ୍କ ସହ କୌଣସି ଆଲୋଚନା ନ କରି ଆଜି ଏହି ଛାତ୍ରଛାତ୍ରୀଙ୍କୁ ପୋଲିସ୍ ଲଗାଇ ଗିରଫ କରିଛନ୍ତି । ଏ.ଆଇ.ଏସ୍.ଏଫ୍. ରାଜ୍ୟ ସଭାପତି ତଥା ଅଭିଯାନର ଆବାହକ ସଂଘମିତ୍ରା ଜେନା ଗିରଫ ସମୟରେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ନେତା, ମନ୍ତ୍ରୀ ଓ ଅଫିସରଙ୍କ ମଧୁଚନ୍ଦ୍ରିକାରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଷଡ଼ଯନ୍ତ୍ରମୂଳକ ଭାବେ ଧ୍ୱଂସ କରିବା ପାଇଁ ସି.ଏଚ୍.ଟି. ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଛି । ମାଧ୍ୟମିକ ଶିକ୍ଷା ବୋର୍ଡର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମ୍ପର୍କୀୟ ଥିବା ତଥା ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦଣ୍ଡିତ ଏବଂ ଓ.ଏନ୍.ଜି.ସି. ଦ୍ୱାରା କଳା ତାଲିକାଭୁକ୍ତ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଇ ପରୀକ୍ଷାର୍ଥୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଲାଞ୍ଚ ନିଆଯାଇଛି । ସରକାରୀ ସ୍କୁଲ୍‌ରେ ମେଧାବୀ ଶିକ୍ଷକ ନରଖି ସରକାରୀ ଶିକ୍ଷାକୁ ଧ୍ୱଂସ କରିବା ପାଇଁ ରାଜ୍ୟର ଘରୋଇ ଶିକ୍ଷାବେପାରୀଙ୍କ ଲୋଭ ଓ ଲାଭ ଚରିତାର୍ଥ କରିବା ସହ ରାଜ୍ୟର ଭବିଷ୍ୟତ ଅନ୍ଧାର କରିବା ପାଇଁ ଏହା ଏକ ସରକାରୀ ଷଡ଼ଯନ୍ତ୍ର । ଆମ ଗିରଫରେ ଆନ୍ଦୋଳନ ଦବିଯିବ ନାହିଁ ବରଂ ଆହୁରି ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ଏ.ଆଇ.ଏସ୍.ଏଫ. ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା, ଓଜେଟା କାର୍ଯ୍ୟକାରୀ ସଭାପତି ମନୋଜ କର, ସମ୍ପାଦକ ସୁବ୍ରତ ପଣ୍ଡା, ପ୍ରତିଷ୍ଠାତା ସଭାପତି ଜୀବନ ବନ୍ଧୁ ଭୋଇ, ଶିକ୍ଷା ବଞ୍ଚାଅ ଅଭିଯାନର ଦେବବ୍ରତ ବେହେରା, ଏ.ଆଇ.ଏସ୍.ଏଫ.ର ରାଜ୍ୟ ଯୁଗ୍ମ ସମ୍ପାଦକ ବିବେକ କୃଷ୍ଣ, ଶାସ୍ୱତ ପତି, ଆଶାୟୀ ଶିକ୍ଷକ ସଂଘର ସଭାପତି ଚନ୍ଦନ କୁମାର କହଁର, ଉପଦେଷ୍ଟା ସଂଜୟ ଗିରି, କୋଷାଧକ୍ଷ ଶ୍ରୀନିବାସ ବେହୁରା, ଲିପ୍‌ସା ମହାକୁଡ, ସୁଶ୍ରୀ ସାହୁ, ସ୍ନିଗ୍ଧା ସରିତା ଶାନ୍ତିଙ୍କ ସମେତଶତାଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରି କମିଶନରେଟ୍ ପୋଲିସ୍ ଅଟକ ରଖିଛି ।

# ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଜେପିର ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଓଡିଶାକୁ ପୂର୍ବପେକ୍ଷା ବହୁ ମାତ୍ରାରେ କେନ୍ଦ୍ରୀୟ ଅନୁଦାନର ସହାୟତା ମିଳୁଛି । ମୋଦି ସରକାରଙ୍କ ଅନେକ ଜନକଲ୍ୟାଣ ଯୋଜନାର ସୁଫଳ ପାଇବାକୁ ବଂଚିତ ହେଉଛନ୍ତି ଓଡିଶାବାସୀ । ବର୍ତ୍ତମାନ ଦୁର୍ନୀତି ଓ ଭ୍ରଷ୍ଟାଚାର ରାଜ୍ୟରେ ମୁଖ୍ୟ ପ୍ରସଙ୍ଗ ହୋଇଥିବା କାରଣରୁ ବିକାଶମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ । କେବଳ ଚକ୍ରାନ୍ତ ଓ ଷଡଯନ୍ତ୍ର ରଚି ସରଳ ଓ ନିରୀହ ଭୋଟରଙ୍କୁ ବିଭ୍ରାନ୍ତ କରି ଭୋଟ ସର୍ବସ୍ୱ ରାଜନୀତି କରୁଛି ଶାସକ ବିଜେଡି । ଆଗାମୀ ବ୍ରଜରାଜନଗର ଉପନିର୍ବାଚନ ପ୍ରଚାରରେ ମୋଦି ସରକାରଙ୍କ ଜନକଲ୍ୟାଣ ଓ ଶାସକ ବିଜେଡିର ଜନବିରୋଧୀ ଆଭିମୁଖ୍ୟକୁ ନେଇ ଭାରତୀୟ ଜନତା ପାର୍ଟୀ ସାଧାରଣ ଲୋକଙ୍କ ପାଖକୁ ଯିବ । ବ୍ରଜରାଜନଗର ଉପନିର୍ବାଚନ ପ୍ରଚାର କାର୍ଯ୍ୟକୁ ଅଧିକ ଶାଣିତ କରିବା ପାଇଁ ଆଜି ପାର୍ଟି ତରଫରୁ ୪୦ ଜଣିଆ ଷ୍ଟାର ପ୍ରଚାରକ ନାମ ତାଲିକା ଘୋଷଣା କରାଯାଇଛି ।

ଏହି ତାଲିକାରେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲ, ଧର୍ମେନ୍ଦ୍ର ପ୍ରଧାନ, ପ୍ରହଲ୍ଲାଦ ଯୋଶୀ, ଅଶ୍ୱନୀ ବୈଷ୍ଣବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ, ରାଜ୍ୟ ପ୍ରଭାରୀ ଶ୍ରୀମତି ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସହପ୍ରଭାରୀ ତଥା ସାଂସଦ ବିଜୟ ପାଲ ସିଂହ ତୋମର, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ପୂର୍ବତନ ଛତିଶଗଡ ମୁଖ୍ୟମନ୍ତ୍ରୀ ରମଣ ସିଂହ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସାଂସଦ ସୁରେଶ ପୂଜାରୀ, ବସନ୍ତ କୁମାର ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି କନକବର୍ଦ୍ଧନ ସିଂହଦେଓ, ମନମୋହନ ସାମଲ, ସାଂସଦ ଅପରାଜିତା ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର, ସାଂସଦ ସଙ୍ଗୀତା ସିଂହଦେଓ, ଛତିଶଗଡ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ବ୍ରିଜ ମୋହନ ଅଗ୍ରୱାଲ, ସାଂସଦ ନିତେଶ ଗଙ୍ଗଦେବ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ, ବରିଷ୍ଠ ନେତ୍ରୀ ଓ ପୂର୍ବତନ ମନ୍ତ୍ରୀ ଶ୍ରୀମତି ସୁରମା ପାଢ଼ୀ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ପୂର୍ବତନ ସାଂସଦ ତଥା ବରିଷ୍ଠ ନେତା ଖାରବେଳ ସ୍ୱାଇଁ, ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବିଧାୟକ ନାଉରି ନାୟକ, ସୁବାସ ପାଣିଗ୍ରାହୀ, ଶଙ୍କର ଓରାମ, ଭବାନୀ ଶଙ୍କର ଭୋଇ, ଶ୍ରୀମତୀ କୁସୁମ ଟେଟେ, ଡ.ମୁକେଶ ମହାଲିଙ୍ଗ, ବରିଷ୍ଠ ନେତା ରଞ୍ଜନ ପଟେଲ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀତମ ଦାସ, ଅନୁ ଚୌଧୁରୀ ଓ ହରିହର ମହାପାତ୍ର ପ୍ରମୁଖ ସାମିଲ ଅଛନ୍ତି ।

# ଗ୍ୟାସଦର ବୃଦ୍ଧି : ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର୍ ନୱାଜ ଙ୍କ ନିଷ୍ପତି କ୍ରମେ ପୁରୀ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଭି.ଆଇ.ପି ରୋଡ଼, ଝାଡ଼େଶ୍ୱର ଛକଠାରେ ବି.ଜେ.ପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ଙ୍କୁ କଳାପତାକା ପ୍ରଦର୍ଶନ ଓ କାଳିମାଡ଼ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଛନ୍ତି ଯେ, ଗତକାଲି ଭୁବନେଶ୍ୱରଠାରେ ବର୍ଦ୍ଧିତ ଗ୍ୟାସ ଦର ପ୍ରତିବାଦରେ ଛାତ୍ର କଂଗ୍ରେସ ବିକ୍ଷୋଭ କରିଥିଲା। ଯେଉଁଥିରେ କି, ବହୁ ଛାତ୍ର କଂଗ୍ରେସ କର୍ମକର୍ତା ଙ୍କୁ ଗିରଫ କରାଯାଇଥିଲା ଏବଂ ୧ ଘଂଟା ଅଟକ ରଖି ଛାଡ଼ିଦିଆଯାଇଥିଲା। ଛାତ୍ର କଂଗ୍ରେସ ଘୋଷଣା କରିଥିଲା ଯେ, ଯେପର୍ଯ୍ୟନ୍ତ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡ଼ିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ ହୋଇନାହିଁ, ସେ ପର୍ଯ୍ୟନ୍ତ ବି.ଜେ.ପିର ଯେଉଁ ମନ୍ତ୍ରୀ ବା ରାଷ୍ଟ୍ରୀୟ ନେତା ଓଡ଼ିଶା ମାଟିରେ ପାଦ ଦେବେ ସେମାନଙ୍କୁ କାଳି ମାଡ଼ ଓ କଳାପତାକା ପ୍ରଦର୍ଶନରେ ସ୍ୱାଗତ କରାଯିବ। ବିଶେଷ କରି ରନ୍ଧନ ଗ୍ୟାସ ବୃଦ୍ଧି ଦ୍ୱାରା ଯେଉଁ ମହଙ୍ଗାମାଡ଼ ହେଉଛି ସେଥିରେ ହାଣ୍ଡିଶାଳରୁ ବିପ୍ଳବ ଆରମ୍ଭ ହେଉ ବୋଲି ଛାତ୍ର କଂଗ୍ରେସ ଆହ୍ୱାନ ଦେଇଛି ।

## ଖୋର୍ଦ୍ଧା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

# ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ




ଖୋର୍ଦ୍ଧା ,(ସଂଦେଶ ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଖୋର୍ଦ୍ଧା ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତହୋଇଯାଇଛି ।ବୈଠକରେ ରାଜ୍ୟ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍‌ଯୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ତଥା ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଖୋର୍ଦ୍ଧା ବିଧାୟକ ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର,ବେଗୁନିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ସାହୁ, ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ରୂପଶ୍ରୀରାଣୀ ଗୁମାନ ସିଂଙ୍କ ସମେତ ଜିଲ୍ଲା, ଉପଖଣ୍ଡ, ତହସିଲ ଓ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ, ଜିଲ୍ଲାର ସମସ୍ତ ପଂଚାୟତ ସମିତି ଅଧକ୍ଷ, ଅଧକ୍ଷାଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଅନୂଜ କୁମାର ଦାସ ପଟ୍ଟନାୟକ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର କହିଲେ ଯେ, ବିଭିନ୍ନ ବିଭାଗର ଅଧିକାରୀମାନେଅତୀତରେ ଖୋର୍ଦ୍ଧା ଜିଲ୍ଲାରେ ସଫଳତାର ସହିତ ବାତ୍ୟା,ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିଛନ୍ତି । ସେହି ଅଭିଜ୍ଞତାକୁ ପାଥେୟ କରି ଆଗାମୀ ମୌସୁମୀ ଋତୁରେ ସମ୍ଭାବ୍ୟ ବାତ୍ୟା ବା ବନ୍ୟା ପରିପ୍ରେକ୍ଷୀରେ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପଣ୍ଡାଙ୍କ ଉପସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମରେ ଡ୍ରେନେଜ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ଏ ସଂପର୍କରେ ମନ୍ତ୍ରୀ ଶ୍ରୀ ପଣ୍ଡା ଅବଗତ ହେବା ସହିତ ଜାଗମରାରୁ ଗଙ୍ଗୁଆ ପର୍ଯ୍ୟନ୍ତ ବିଏମସିର ୪୯ ନଂ ୱାର୍ଡ ଏବଂ ପାଖାପାଖି ଅଂଚଳରେ ଡ୍ରେନେଜ୍ ସମସ୍ୟାର ସମାଧାନକୁ ନେଇ ଗଙ୍ଗୁଆ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଯୋଗଦେଇ ଖୋର୍ଦ୍ଧା ବିଧାୟକ ଶ୍ରୀ ମିତ୍ର କହିଲେ ଯେ ଜିଲ୍ଲାରେ ପ୍ରାକୃତିକ ଦୁର୍ବିପାକ ହେଲେ ସମସ୍ତ ଅଧିକାରୀମାନେ ତତ୍ପରତା ପ୍ରକାଶ କରିଥାନ୍ତି । ସେହି ଅନୁସାରେ ସମସ୍ତେ ପ୍ରସ୍ତୁତି କରିବାକୁ ସେ ଅନୁରୋଧ କରିବା ସହ ଖୋର୍ଦ୍ଧା ସହର ମଧ୍ୟରେ ବର୍ଷା ହେଲେ ଡ୍ରେନେଜ ସମସ୍ୟା ଉପୁଜୁଥିବାରୁ ଡ୍ରେନ୍ ଓ କଲଭର୍ଟ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ମତ ରଖିଥିଲେ ।

# ରାଜ୍ୟରେ ବର୍ଦ୍ଧିତ ନିଶା କାରବାର ଓ ବ୍ୟବହାର ଆଜି ମୁଖ୍ୟ ଚିନ୍ତାର କାରଣ ସାଜିଛି: ଦିଲୀପ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ):ରାଜ୍ୟରେ ବର୍ଦ୍ଧିତ ନିଶା ବ୍ୟବହାର ଓ ବେପାର ଆଜି ଚିନ୍ତାର ମୁଖ୍ୟ କାରଣ ସାଜିଛି । ରାଜ୍ୟରେ ନିଶାଦ୍ରବ୍ୟ ବ୍ୟବହାରକୁ ନେଇ ସଦ୍ୟ ପ୍ରକାଶିତ ତଥ୍ୟ ସମସ୍ତଙ୍କୁ ବ୍ୟଥିତ କରିଥିବାବେଳେ ଆଉ କିଛି ଅପ୍ରକାଶିତ ତଥ୍ୟ ମଧ୍ୟ ଆମ ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି । ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅବକାରୀ ନୀତି ଏବଂ ଅତ୍ୟାଧିକ ରାଜସ୍ୱ ଆଦାୟ ମନୋଭାବ କାରଣରୁ ଛାତ୍ର, ଯୁବ, ମହିଳାମାନଙ୍କ ଉପରେ ସର୍ବାଧିକ କୁପ୍ରଭାବ ପଡିବା ସହିତ କ୍ଷତିଗ୍ରସ୍ତ ହେଉଛନ୍ତି । ଖୁଚୁରା ପାଇକାରୀ ଦୋକାନ ଭଳି ରାଜ୍ୟର ଗାଁ ଗାଁରେ ମଦ ଦୋକାନ ଖୋଲି ରାଜ୍ୟ ସରକାର କେବଳ ବ୍ୟାପକ ରାଜସ୍ୱ ସଂଗ୍ରହ କରୁନାହାନ୍ତି ବରଂ ବିଶୃଙ୍ଖଳିତ ସାମାଜିକ ଜୀବନଧାରାକୁ ମଧ୍ୟ ପ୍ରୋତ୍ସାହିତ କରୁଛନ୍ତି । ରାଜ୍ୟରେ ଚୋରି, ଦୁଷ୍କର୍ମ, ହତ୍ୟା ଭଳି ଅସାମାଜିକ ଘଟଣାମାନ କ୍ରମାଗତ ବୃଦ୍ଧି ପାଇଚାଲିଛି ଏବଂ ଏଥି ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଶ୍ରୀ ଦିଲୀପ ମଲ୍ଲିକ କହିଛନ୍ତି ।

ସର୍ବଭାରତୀୟ ସ୍ତରରେ ଓଡ଼ିଶାରେ ପୁରୁଷ ଓ ମହିଳା ମଦପାନ କରିବାରେ ଆଗରେ ଅଛନ୍ତି । ସର୍ବଭାରତୀୟ ସ୍ତରରେ ପୁରୁଷମାନେ ୧୮.୮% ମଦ୍ୟପାନ କରୁଥିବାବେଳେ ଓଡ଼ିଶାରେ ୨୮.୮% ଲୋକେ ମଦ୍ୟପାନ କରୁଛନ୍ତି । ସର୍ବଭାରତୀୟ ସ୍ତରରେ ୧୫ବର୍ଷରୁ ଅଧିକ ବୟସର ୧.୩% ମହିଳା ମଦ ପିଉଥିବା ବେଳେ ଓଡ଼ିଶାରେ ୪.୩% ପିଉଛନ୍ତି । ସେହିପରି ଭାରତରେ ୩୮% ପୁରୁଷ ତମାଖୁ ସେବନ କରୁଥିବାବେଳେ ଓଡିଶାରେ ୫୧.୬% ଓ ଭାରତରେ ୮.୯ମହିଳା ତମାଖୁ ସେବନ କରୁଥିବାବେଳେ ଓଡ଼ିଶାରେ ୨୬% ମହିଳା ତମାଖୁ ସେବନ କରୁଛନ୍ତି । ସେହିପରି ସହରାଂଚଳରେ ୨୨.୭% ଲୋକ ମଦପାନ କରୁଥିବାବେଳେ ଗ୍ରାମାଚଂଳରେ ୩୦.୨% ପିଉଛନ୍ତି । ଗଂଜେଇ, ବ୍ରାଉନସୁଗାର, ଚରସ ଭଳି ନିଶାଦ୍ରବ୍ୟ ଆଜି ଗ୍ରାମାଂଚଳକୁ ବ୍ୟାପିଲାଣି ଏବଂ ଯୁବସମାଜ ପଥଭ୍ରଷ୍ଟ ହୋଇ ଏହି ନିଶା କବଳରେ ନିଜେ ତଥା ସମାଜକୁ କୁପଥକୁ ନେଉଛନ୍ତି । ରାଜ୍ୟରେ ଏବେ ମଦୁଆଙ୍କର ଅଭାବ ନାହିଁ । ମହିଳାମାନେ ରାସ୍ତାରେ ଚାଲିବାକୁ ମଧ୍ୟ ସୁରକ୍ଷିତ ମନେ କରୁ ନାହାନ୍ତି ।

# ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ନିଅନ୍ତୁ ପଦକ୍ଷେପ : କାଳନ୍ଦୀ



ତାଳଚେର, (ସଂଦେଶ ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାରେ ନୂତନ ମେଡିକାଲ କଲେଜ ସ୍ଥାପନା ପାଇଁ ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ସହାୟତା ପ୍ରଦାନ କରୁଛନ୍ତି । ଅନ୍ୟ ପଟେ ମେଡିକାଲ କଲେଜ ପାଇଁ ଜମି ଯୋଗାଇବାର ଦାୟିତ୍ୱ ରାଜ୍ୟ ସରକାରଙ୍କ ହୋଇଥିବାବେଳେ ସେଥିରେ ମଧ୍ୟ ବିଭ୍ରାନ୍ତ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ହୀନ ଉଦ୍ୟମ ଅତ୍ୟନ୍ତ ଲଜ୍ଜାଜନକ । କେନ୍ଦ୍ରର ଅର୍ଥ ଓ ଯୋଜନାକୁ ନିଜ ନାମରେ ଘୋଷଣା କରି ଓଡ଼ିଶାର ଲୋକଙ୍କ ଭୂଆଁ ବୁଲାଉଥିବା ରାଜ୍ୟ ସରକାର ବର୍ତ୍ତମାନ ତାଳଚେରଠାରେ ମହାନଦୀ କୋଲ ଫିଲ୍ଡ ସହାୟତାରେ ନିର୍ମିତ ହେବାକୁ ଥିବା ମେଡିକାଲ କଲେଜ କ୍ଷେତ୍ରରେ ଅନୁରୁପ ଭାବେ ମିଛ କହି ପୁଣି ଥରେ ଭୁଆଁ ବୁଲାଇବାର ଅପଚେଷ୍ଟା କରିଛନ୍ତି ବୋଲି ରାଜ୍ୟ ସଂପାଦକ ଶ୍ରୀ କାଳନ୍ଦୀ ସାମଲ କହିଛନ୍ତି ।ତାଳଚେର ମେଡିକାଲ କଲେଜ ସ୍ଥାପନା ପାଇଁ ରାଜ୍ୟ ସରକାର ୨୦ ଏକର ଜମି ଯୋଗାଇ ଦେଇଛନ୍ତି ବୋଲି ନିଜେ ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରି ସୁଚନା ଦେଇଥିଲେ । ୧୯୬୦ ମସିହାରୁ ମହାନଦୀ କୋଲ ଫିଲ୍ଡ ଅଧିକୃତ ନିଜସ୍ୱ ଜମି ତଥା କୋଇଲା ନଗରୀ ମୌଜାର ପ୍ଲଟ ନମ୍ବର ୨୪୯, ୨୫୦ ଓ ୨୫୧ ରେ ତାଳଚେର ମେଡିକାଲ କଲେଜ ନିର୍ମିତ ହେଉଛି । ଏ ସଂପର୍କରେ ଶ୍ରୀ ସାମଲ ଏକ ନକ୍ସା ସହିତ ତାଳଚେର ଉପ ଜିଲ୍ଲାପାଳଙ୍କ ଚିଠିକୁ ଦେଖାଇ ରାଜ୍ୟ ସରକାର ଏଭଳି ମିଛ କହିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି ।ରାଜ୍ୟ ସରକାର ମେଡିକାଲ କଲେଜ ପାଇଁ ମାଗଣାରେ ଜମି ଯୋଗାଇ ଦେଉଥିବାର ମିଛ ଡିଣ୍ଡିମ ପିଟୁଛନ୍ତି । ମୁଖ୍ୟମନ୍ତ୍ରୀ ଏତେ ମିଛ କାହିଁକି କହୁଛନ୍ତି ? ମେଡିକାଲ କଲେଜ ସ୍ଥାପନା ପାଇଁ ରାଜ୍ୟ ସରକାର ବାସ୍ତବରେ ଯଦି ଜମି ଯୋଗାଇ ଦେଇଛନ୍ତି, ତାହେଲେ ତାକୁ ସ୍ପଷ୍ଟ କରିବା ଉଚିତ୍ ।

# ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସମର୍ପିତ ବ୍ୟକ୍ତି ସବୁ ସ୍ତରରେ ପ୍ରଶଂସିତ :ରାଜ୍ୟପାଳ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଦା ସଚେତନ ଏବଂ ସମର୍ପିତ ବ୍ୟକ୍ତି ସବୁ ସ୍ତରରେ ପ୍ରଶଂସିତ ଓ ଏପରି ଏକ ସଫଳ ଦୃଷ୍ଟାନ୍ତ ହେଉଛନ୍ତି ଓଡିଶାର ପୂର୍ବତନ ରାଜ୍ୟପାଳ ଏମ୍. ଏମ୍. ରାଜେନ୍ଦ୍ରନ ଯେ କି ବିଭିନ୍ନ ଉଚ୍ଚ ପଦପଦବୀରେ କାର୍ଯ୍ୟ କରି ଓ ନିରନ୍ତର ସେବା ପ୍ରଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଏବଂ ସେ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି ।

ନିକଟରେ ରାଜଭବନର ଅଭିଷେକ ହଲରେ ପୂର୍ବତନ ରାଜ୍ୟପାଳ ଏମ୍.ଏମ୍. ରାଜେନ୍ଦ୍ରନଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ସର୍ଭିସ୍ ଅନ୍‌ଇଣ୍ଟରପଟେପଡ୍' କୁ ଲୋକାର୍ପଣ କରି ରାଜ୍ୟପାଳ ଶିଶୁମାନଙ୍କର ବିକାଶ ପାଇଁ ପୂର୍ବତନ ରାଜ୍ୟପାଳଙ୍କ କାର୍ଯ୍ୟ ଓ ଯୋଜନା ପ୍ରଣୟନରେ ଭୂମିକାକୁ ପ୍ରଶଂସା କରିବା ସହ ଶିଶୁମାନଙ୍କ ମଧ୍ୟରେ ଥିବା ଅସୀମିତ ସମ୍ଭାବନାକୁ ବାସ୍ତବତାରେ ପରିପ୍ରକାଶ କରିବା ପାଇଁ ଉଦ୍ୟମ ଆମର ସର୍ବଦା ପ୍ରାଥମିକତା ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟର କାର୍ଯ୍ୟଧାରାରେ ଉନ୍ନତି ଆଣିବା ପାଇଁ ପୂର୍ବତନ ରାଜ୍ୟପାଳଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ବର୍ତ୍ତମାନ ମଧ ମାର୍ଗଦର୍ଶନରେ ବେଶ୍ ସହାୟକ ହେଉଛି ଓ ଓଡିଶା ଜାତୀୟ ସ୍ତରରେ ପ୍ରଶଂସିତ ହେବା ଗୌରବର କଥା ବୋଲି ରାଜ୍ୟପାଳ କହିଥିଲେ । ନିଜର ଦୀର୍ଘ ଅଭିଜ୍ଞତା ଓ ପ୍ରଶାସନିକ ଦକ୍ଷତା ଏବଂ ଜ୍ଞାନକୁ ନେଇ ପୁସ୍ତକ ରଚନା କରିଥିବାରୁ ପୂର୍ବତନ ରାଜ୍ୟପାଳଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ସବୁ ବର୍ଗର ଜନସାଧାରଣଙ୍କ ପାଇଁ ଉପାଦେୟ ହେବ ବୋଲି ରାଜ୍ୟପାଳ କହିଥିଲେ ।

# ରାଜ୍ୟ ସରକାର ଯଥାଶୀଘ୍ର ତାଳଚେର ମେଡ଼ିକାଲ କଲେଜକୁ କାର୍ଯ୍ୟକ୍ଷମ କରିବେ ବୋଲି ଆଶା :ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ତାଳଚେର ସ୍ଥିତ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଏଣ୍ଡ୍ ରିସର୍ଚ୍ଚ(ମିମସାର)କୁ ଓଡ଼ିଶା ସରକାର ଓ ମହାନଦୀ କୋଲଡ ଫିଲ୍ଡ(ଏମସିଏଲ) ସମନ୍ୱୟ ରକ୍ଷା କରି ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଜ୍ୟ ସରକାରଙ୍କ ଦ୍ୱାରା ତାଳଚେର ମେଡିକାଲ କଲେଜ ପରିଚାଳନା ନିଷ୍ପତି ପ୍ରସଙ୍ଗ ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ତାଳଚେର ଠାରେ ଏମସିଏଲ ଦ୍ୱାରା ନିର୍ମିତ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଏଣ୍ଡ୍ ରିସର୍ଚ୍ଚକୁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ହସ୍ତକ୍ଷେପ ପରେ ଓଡ଼ିଶା ସରକାର, ଏମସିଏଲର ସହଯୋଗରେ କାର୍ଯ୍ୟକାରୀ କରିବା ପାଇଁ ନେଇଥିବା ନିଷ୍ପତି ସ୍ୱାଗତଯୋଗ୍ୟ। ସମସ୍ତଙ୍କୁ ଉତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ମେଡ଼ିକାଲ କଲେଜ ସ୍ଥାପନା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନା ରହିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ତାଳଚେର ଠାରେ ଭାରତ ସରକାରଙ୍କ ଏମସିଏଲ ଦ୍ୱାରା ୪୯୨ କୋଟି ଟଙ୍କା ବ୍ୟୟରେ ଏହି ମେଡ଼ିକାଲ କଲେଜ ପ୍ରତିଷ୍ଠା କରାଯାଉଛି। ଓଡ଼ିଶା ସରକାର ଓ ଏମସିଏଲ ସମନ୍ୱୟ ରକ୍ଷା କରି ଯଥାଶୀଘ୍ର ମେଡ଼ିକାଲକୁ କାର୍ଯ୍ୟକ୍ଷମ କରିବେ ବୋଲି ଆଶା କରୁଛି। ତାଳଚେର ମେଡିକାଲ କଲେଜ କାର୍ଯ୍ୟକାରୀ ହେବା ଦ୍ୱାରା ଅନୁଗୋଳ ଜିଲ୍ଲା ସମେତ ଢେଙ୍କାନାଳ, ଦେବଗଡ, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ ଓ ନୟାଗଡ ଜିଲ୍ଲାର ପ୍ରାୟ ୭୦ ଲକ୍ଷ ଲୋକମାନେ ଉତମ ସ୍ୱାସ୍ଥ୍ୟ ସୁବିଧା ପାଇବା ସହ ରାଜ୍ୟର ଛାତ୍ରଛାତ୍ରୀମାନେ ମେଡ଼ିକାଲ ପଢ଼ିବାର ସୁଯୋଗ ପାଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି।



ନବୀନ ନିବାସଠାରେ ୨୦୨୧ ବ୍ୟାଚ୍ ଆଇଏଏସ୍ ପ୍ରୋବେସନର୍ସମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି । ପାଖରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିୟାନ୍

# ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ପର୍ଯ୍ୟଟନ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ):ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭିତରକନିକା, ନୃସିଂହନାଥ ଓ ହରିଶଙ୍କର ଆଦି ସ୍ଥାନରେ ପର୍ଯ୍ୟଟନ ପ୍ରକଳ୍ପଗୁଡିକର ଅଗ୍ରଗତି ସମୀକ୍ଷା କରି ଏହି ସବୁ ସ୍ଥାନରେ ପର୍ଯ୍ୟଟନ ସହାୟକ ଭିତିଭୂମି ପୂର୍ତ୍ତ ବିଭାଗ ମାଧ୍ୟମରେ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରକଳ୍ପ ସମ୍ବନ୍ଧିତ ବୈଷୟିକ, ଆର୍ଥିକ ଓ ନିରନ୍ତର ପରିଚାଳନା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ପ୍ରକଳ୍ପଗୁଡିକର ସଦ୍ୟତନ ସ୍ଥିତି ସମୀକ୍ଷାକରି ପୂର୍ତ୍ତବିଭାଗ ମାଧ୍ୟମରେ ସେଗୁଡିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏଥି ପାଇଁ ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ କରିବାକୁ ପୂର୍ତ୍ତ ବିଭାଗଙ୍କୁ କୁହାଯାଇଥିଲା । ଭିତରକନିକାରେ ସୃଷ୍ଟି କରାଯାଉଥିବା ପର୍ଯ୍ୟଟନ ସଂପତିର ରକ୍ଷଣାବେକ୍ଷଣ ଏବଂ ନିରନ୍ତର ପରିଚାଳନା ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଶ୍ରୀ ମହାପାତ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତନ ବିଭାଗଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ସମସ୍ତ ଷ୍ଟେକ୍-ହୋଲଡ୍ରମାନଙ୍କୁ ସାମିଲକରି ସ୍ଥାନୀୟ କମିଟି ଗଠନ କରାହେବ । ଏହି କାର୍ଯ୍ୟରେ ଯଥା ସମ୍ଭବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ସାମିଲ କରିବାକୁ ମଧ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

# ମହିଳା ସୁରକ୍ଷା ଓ ସଶକ୍ତିକରଣକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ରାଷ୍ଟ୍ରୀୟ ମହିଳାମୋର୍ଚ୍ଚା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସମୟ ଅନୁସାରେ ମହିଳାଙ୍କ ଦକ୍ଷତାକୁ ବଢ଼ାଇବା ସହିତ ନିଜକୁ ସାମାଜିକ, ରାଜନୈତିକ ସ୍ତରରେ ସଶକ୍ତକରିବାର ଆବଶ୍ୟକତା ରହିଛି । ମୋଦୀ ସରକାର ମହିଳାଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଅନ୍ତର୍ଗତ ପରିମଳ ଯୋଜନା, ବେଟି ବଚାଅ ବେଟି ପଢ଼ାଅ, ପୋଷଣ ଯୋଜନା ଦ୍ୱାରା ମହିଳାମାନେ ଲାଭବାନ ହେଉଛନ୍ତି। ଅନ୍ୟ ରାଜନୈତିକ ଦଳ ପରିବାର ଆଧାରରେ ଚାଲିଥିବାବେଳେ ଭାରତୀୟ ଜନତା ପାର୍ଟି ତୃଣମୂଳସ୍ତରରେ କାମ କରିଆସୁଛି । ନାରୀ ସଶକ୍ତିକରଣ ପାଇଁ ମୋଦୀ ସରକାରଙ୍କ ଉଦ୍ୟମ ଏବଂ ବିଭିନ୍ନ ମହିଳା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରି 'ସଶକ୍ତ ନାରୀ, ସମ୍ମାନ ହମାରୀ'ର ନାରା ଦେଇଛନ୍ତି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ଶ୍ରୀମତୀ ବାନନତୀ ଶ୍ରୀନିବାସନ ।ମଧ୍ୟପ୍ରଦେଶର ଭୋପାଳଠାରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ତିନି ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମେ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ପ୍ରଶିକ୍ଷଣ ଶିବିରରେ ସମସ୍ତ ରାଜ୍ୟରୁ ମହିଳା ମୋର୍ଚ୍ଚା ପଦାଧିକାରୀମାନେ ଯୋଗ ଦେଇଥିଲେ। ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ଶ୍ରୀମତୀ ଭନଥି ଶ୍ରୀନିବାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରକୁ ମଧ୍ୟପ୍ରଦେଶର ରାଜ୍ୟ ସଭାପତି ଶ୍ରୀ ବିଷ୍ଣୁଦତ ଶର୍ମା ଉଦ୍‌ଘାଟନ କରିଥିବାବେଳେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସଂଗଠନ ସଂପାଦକ ଶ୍ରୀ ବି.ଏଲ.ସନ୍ତୋଷ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି।

# ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟସଭା ସାଂସଦ ସୁବାଷ ଚନ୍ଦ୍ର ସିଂହଙ୍କ ଇସ୍ତଫା ଫଳରେ ରାଜ୍ୟସଭାରେ ସଭ୍ୟପଦ ଖାଲି ପଡିଥିବାରୁ ତା. ୧୩.୦୫.୨୨ରିଖରେ ଭାରତ ନିର୍ବାଚନ ଆୟୋଗ ଉପନର୍ବାଚନ ପାଇଁ ଘୋଷଣା କରିଛନ୍ତି। ରାଜ୍ୟସଭା ଉପନର୍ବାଚନ ବିଜ୍ଞପ୍ତି ଅନୁସାରେ ମଇ ୨୬ ତାରିଖ (ଗୁରୁବାର) ବିଜ୍ଞପ୍ତି ଜାରି, ଜୁନ୍ ୨ ତାରିଖ(ଗୁରୁବାର) ନାମାଙ୍କନ ପତ୍ର ଦାଖଲ ଶେଷଦିବସ, ଜୁନ୍ ୩ ତାରିଖ (ଶୁକ୍ରବାର) ନାମାଙ୍କନ ପତ୍ର ଯାଂଚ ଜୁନ୍ ୬ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ, ଜୁନ୍ ୧୩ ତାରିଖ (ସୋମବାର) ସକାଳ ୯ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଓ ସେହିଦିନ ଅପରାହ୍ନ ୫ଘଟିକା ସମୟରେ ଭୋଟଗଣତି ହେବ ଓ ଜୁନ୍ ୧୭ ତାରିଖ (ଶୁକ୍ରବାର) ପୂର୍ବରୁ ସମସ୍ତ ପ୍ରକାର ଉପନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଜଣାଇଛନ୍ତି ।

# ରାଜ୍ୟରେ ଧାନସଂଗ୍ରହ ମଣ୍ଡିଗୁଡିକର ଭିତ୍ତିଭୂମି ବିକାଶ କରାଯିବ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ମଣ୍ଡିଗୁଡିକରେ ଧାନସଂଗ୍ରହ ପରିମାଣ ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ ମଣ୍ଡିର ଧାନସଂଗ୍ରହ କାର୍ଯ୍ୟକୁ ସୁଚାରୁ ରୂପେ କରିବା ନିମନ୍ତେ ଭିତିଭୂମିର ଉନ୍ନତି କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହିସବୁ ଭିତିଭୂମିର ଯୋଜନା ଓ ନିର୍ମାଣ ଓ ଆବଶ୍ୟକ ବ୍ୟୟ ଭାର ବହନ କରବା ଦିଗରେ ବିଭାଗ ପକ୍ଷରୁ ଏକ ସଂକଳ୍ପନାମା ଜାରି କରାଯାଇଛି। ରାଜ୍ୟରେ ପ୍ରତିବର୍ଷ ଚାଷୀମାନଙ୍କଠାରୁ ଧାନସଂଗ୍ରହର ପରିମାଣ ବୃଦ୍ଧି ପାଉଛି ଏବଂ ଅଧିକରୁ ଅଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନାମ ପଂଜିକରଣ କରୁଛନ୍ତି। ଚାଷୀମାନେ ଯେପରି ସହଜରେ ଓ ସୁବିଧାରେ ସେମାନଙ୍କର ଧାନ ବିକ୍ରି କରିପାରିବେ, ସେଥିନେଇ ରାଜ୍ୟ ସରକାର ଆବଶ୍ୟକ ଭିତିଭୂମିର ନିର୍ମାଣକୁ ଅଗ୍ରାଧିକାର ଦେଇଛନ୍ତି ଏବଂ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହର କରିବା ପାଇଁ ସମବାୟ ସମିତି ନିବନ୍ଧକଙ୍କୁ କୁହାଯାଇଛି। ଯେଉଁସବୁ ମଣ୍ଡିଗୁଡିକରେ ଭିତିଭୂମି ବିକାଶର ଆବଶ୍ୟକତା ରହିଛି, ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ନିମନ୍ତେ ଆବଶ୍ୟକତାର ପୁନଃଆକଳନ ଓ ଖର୍ଚ୍ଚ ଅଟକଳ ତୁରନ୍ତ ପ୍ରସ୍ତୁତ କରି ବିଭାଗକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଦିନିଆ ବର୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟାୟ ସମୟରେ ଚାଷୀମାନଙ୍କ ଧାନ ସୁରକ୍ଷିତ ରଖିବା ଦିଗରେ ପ୍ରତ୍ୟେକ ଧାନସଂଗ୍ରହ କେନ୍ଦ୍ରର ପିଣ୍ଡିଗୁଡିକ ଉଚ୍ଚ କରିବା, ଉପର ଛାତ ଏବଂ ଗୋଦାମ ଗୃହ ଆଦିର ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଯେଉଁ ମଣ୍ଡିରେ ଏହିସବୁ ସୁବିଧା ନାହିଁ, ସେଠାରେ ଉପଯୁକ୍ତ ସରକାରୀ ଜମିର ହସ୍ତାନ୍ତରଣ କରିବା ପାଇଁ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଆବେଦନ କରିବା ପାଇଁ ସମବାୟ ସମିତିର ଡେପୁଟି ରେଜିଷ୍ଟ୍ରାରମାନଙ୍କୁ ବିଭାଗ ପକ୍ଷରୁ ଅଧିକୃତ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ତେବେ ସମ୍ପୃକ୍ତ ନିୟନ୍ତ୍ରିତ ବଜାର କମିଟି ସେମାନଙ୍କ ଦ୍ୱାରା ଧାନସଂଗ୍ରହ ସମୟରେ ଆଦାୟ କରାଯାଇଥିବା ଉନ୍ନୟନ ଫିସ୍ ଏବଂ ପ୍ୟାକ୍ସ ଓ ଲ୍ୟାମ୍ପସକୁ ଧାନସଂଗ୍ରହ ବାବଦକୁ ମିଳୁଥିବା କମିଶନ ଅର୍ଥକୁ ମଣ୍ଡିର ପିଣ୍ଡିକୁ ଉଚ୍ଚ କରିବା, ଉପର ଛାତ, ଗୋଦାମ ଗୃହ ନିର୍ମାର ସହିତ ଅନ୍ୟାନ୍ୟ ମୌଳିକ ଭିତିଭୂମି ନିର୍ମାଣ ଖର୍ଚ୍ଚ କରାଯାଇପାରିବ।

# ଓଡ଼ିଶା ପ୍ରଦେଶ କଂଗ୍ରେସ ସଂଗଠନକୁ ଖୁବ୍‌ଶୀଘ୍ର ଅଧିକ ମଜ୍‌ବୁତ ଓ କ୍ରିୟାଶୀଳ କରାଯିବ : ନିରଞ୍ଜନ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜସ୍ଥାନ ଯୋଧ୍‌ପୁରରେ ଚାଲୁଥିବା ଚିନ୍ତନ ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଅଖିଳ ଭାରତ ଜାତୀୟ କଂଗ୍ରେସ କମିଟିର ପୂର୍ବତନ ସଭାପତି ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ, ସାଧାରଣ ସଂପାଦିକା ପ୍ରୀୟଙ୍କା ଭଦ୍ରା ଗାନ୍ଧୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ଦ୍ୱିବେଦି, ଶ୍ରୀ ସଚିନ୍ ପାଇଲଟ୍, କେ.ସି. ଭେନୁଗୋପାଲ ଜୀ ଓ ଅନ୍ୟ ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଓଡ଼ିଶା ପ୍ରଦେଶ କଂଗ୍ରେସ ସଂଗଠନକୁ କିଭଳି ଅଧିକ ମଜ୍‌ଭୁତ ଓ ସଶକ୍ତ କରାଯାଇପାରିବ ସେ ବିଷୟରେ ସମସ୍ତ ଦିଗପ୍ରତି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶ୍ରୀ ପଟ୍ଟନାୟକ ଶ୍ରୀମତୀ ପ୍ରୀୟଙ୍କା ଗାନ୍ଧୀଙ୍କୁ ସ୍ୱତନ୍ତ୍ର ଭାବେ ସାକ୍ଷାତ କରି ଓଡ଼ିଶା ପ୍ରଦେଶ କଂଗ୍ରେସର ସଂଗଠନକୁ ମଜଭୁତ କରିବା ପାଇଁ ଆଲୋଚନା କରିଥିଲେ। ଶ୍ରୀମତୀ ପ୍ରୀୟଙ୍କା ଗାନ୍ଧୀ ଖୁବ୍ ଶୀଘ୍ର ଓଡ଼ିଶା ଆସିବେ ଓ ଓଡ଼ିଶା ସଂଗଠନକୁ ଅଧିକ ମଜ୍‌ଭୁତ କରିବା ପାଇଁ ଅଧିକ ସମୟ ଦେବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ବିଳମ୍ବିତ ରାତି ଯାଏଁ ଡ୍ୟାନ୍ସବାର୍ ଖୋଲିବା ନିଷ୍ପତ୍ତିକୁ ଜିଲ୍ଲା ବିଜେପିର ବିରୋଧ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ସରକାର ନିଶାଦ୍ରବ୍ୟ ସେବନ ଓ କାରବାରକୁ କାହିଁକି ପ୍ରୋତ୍ସାହିତ କରୁଛନ୍ତି ? କେବଳ ରାଜସ୍ୱ ସଂଗ୍ରହ ପାଇଁ କଣ ଏହାକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର ? ବ୍ୟାପକ ନିଶା କାରବାର ଓ ସେବନ ପାଇଁ ସାମାଜିକ ସୁରକ୍ଷା ବିପଦଗାମୀ ହେଉ ନାହିଁ କି ? ଅବକାରୀ ବିଭାଗ ନିୟମକୁ ଜଳାଞ୍ଜଳୀ ଦେଇ ପୋଲିସ ସହାୟତାରେ ବେନିୟମ ଭାବେ ଭୁବନେଶ୍ୱରରେ ନାଚ ଗୀତ ସହିତ ଆଉ ୧୪ଟି ନୂତନ ବାରକୁ ଅନୁମତି ପ୍ରଦାନ ସହିତ ରାତି ୧୨ଟା ଯାଏଁ କାହିଁକି ଖୋଲିବାକୁ ଅନୁମତି ଦିଆଯାଉଛି ? ଏହା ପଛର ରହସ୍ୟ କଣ ଏବଂ କାହା ସ୍ୱାର୍ଥରେ ଅନୁମତି ପ୍ରଦାନ କରାଯାଇଛି ? ତୃଟିପୂର୍ଣ୍ଣ ଅବକାରୀ ନୀତି ଏବଂ ନୂତନ ବାର ଖୋଲିବାର ଅନୁମତି ପ୍ରଦାନ କରି ରାଜ୍ୟ ସରକାର ଯୁବ, ଛାତ୍ର ସମାଜକୁ ବିଶୃଙ୍ଖଳିତ କରୁନାହାନ୍ତି କି ବୋଲି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ପ୍ରଶ୍ନ କରିଛନ୍ତି । ରାଜଧାନୀରେ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ବାର ଖୋଲିବାକୁ ବିରୋଧ କରି ଭୁବନେଶ୍ୱର ଜିଲ୍ଲା ତରଫରୁ ଆଜି ରାମମନ୍ଦିର ଛକଠାରେ ପ୍ରତିବାଦ ଓ ବିକ୍ଷୋଭ କରାଯାଇଛି ।

# ପିଆଇବି ଓ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ପକ୍ଷରୁ ଯୋଗ ଶିବିର ଆୟୋଜିତ



ଭୁବନେଶ୍ୱର, (ପିଆଇବି): ଅନ୍ତର୍ଜାତୀୟ ଯୋଗ ଦିବସ - ୨୦୨୨କୁ ଆଉ ୩୯ ଦିନ ବାକି ରହିଛି । ଏଥିପୂର୍ବରୁ ୭୫ଦିନିଆ ଅବଗଣନାର ଅଂଶବିଶେଷ ସ୍ୱରୂପ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଦିନ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପିଆଇବି ଏବଂ କେନ୍ଦ୍ର ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫସି) ପକ୍ଷରୁ ମିଳିତ ଭାବେ ଯୋଗ ଶିବିର ଆୟୋଜନ କରାଯାଇଥିଲା । ଭୁବନେଶ୍ୱରସ୍ଥିତ ଗୁରୁ କେଲୁଚରଣ ପାର୍କ ଠାରେ ଆୟୋଜିତ ଏହି ଯୋଗ ଶିବିରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, କର୍ମଚାରୀଙ୍କ ସମେତ ସେମାନଙ୍କ ପରିବାରବର୍ଗ ଅଂଶଗ୍ରହଣ କରି ଯୋଗ ଅଭ୍ୟାସ କରିଥିଲେ ।



ମନୋଜବଂ ମାରୁତତୁଲ୍ୟବେଗଂ ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍ ।
ବାତାତ୍ମଜଂ ବାନରଯୁଥମୁଖ୍ୟଂ ଶ୍ରୀରାମଦୂତଂ ଶରଣଂ ପ୍ରପଦ୍ୟେ ॥

ସମ୍ପାଦକୀୟ

## କରୋନା ମୃତ୍ୟୁ ସଂଖ୍ୟାକୁ ନେଇ ବିବାଦ

ମହାମାରୀ କୋରୋନା ଯୋଗୁଁ ଗତ ଦୁଇ ବର୍ଷ ସମଗ୍ର ବିଶ୍ୱ ପାଇଁ ସଂକ୍ରମଣ ଓ ଘାତକ ବର୍ଷ ଥିଲା, ବୋଧହୁଏ ଏଥିରେ କେହି ଦ୍ୱିମତ ମତ ହେବେ ନାହିଁ । ମହାମାରୀର କାୟାବିସ୍ତାର କରି ଚାଲିଥିବାବେଳେ ଆବଶ୍ୟକୀୟ ଚିକିତ୍ସା ଭିତିଭୂମିର ଅଭାବ ଏବଂ ମହାମାରୀର ନିୟନ୍ତ୍ରଣ ପାଇଁ ଉପଯୁକ୍ତ ଟିକା, ଔଷଧର ଅଭାବ ଯୋଗୁଁ ଉଭୟ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଥିଲା । ଏବେ ମୃତ୍ୟୁ ସଂଖ୍ୟାକୁ ନେଇ ବିବାଦ ଉପୁଜିବା ସ୍ୱାଭାବିକ । କାରଣ ଯେକୌଣସି ମହାମାରୀ ସମୟରେ ମୃତ୍ୟୁ ସଂଖ୍ୟାର ସଠିକ ହିସାବ ରଖିବା ଆଦୌ ସମ୍ଭବ ଏବଂ ସହଜ ନୁହେଁ । ବିଶ୍ୱ-ସ୍ୱାସ୍ଥ୍ୟ ସଂଗଠନ(ହୁ ଏବେ ବିଶ୍ୱର ବିଭିନ୍ନ ଦେଶର ମୃତ୍ୟୁ ସଂଖ୍ୟାକୁ ନେଇ ପ୍ରଶ୍ନ ଉଠାଇବା ସହ ଦେଶଗୁଡିକ ନେଇଥିବା ମୃତ୍ୟୁ ସଂଖ୍ୟା ଠାରୁ ଅଢେଇ ଗୁଣ ବୋଲି ଦର୍ଶାଇଛି । ହୁ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୦ ଜାନୁୟାରୀରୁ ୨୦୨୧ ଡିସେମ୍ବର ୩୧ ମଧ୍ୟରେ ପୃଥିବୀରେ ମହାମାରୀ କୋରୋନାରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଦେଢକୋଟି ଲୋକଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି । ଅନ୍ୟପକ୍ଷରେ ଏହି ଦୁଇ ବର୍ଷରେ ବିଶ୍ୱରେ ମୋଟ ୫୪ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିବା କୁହାଯାଇଥିବାବେଳେ ହୁ ରିପୋର୍ଟରେ ତାହା ୩ଗୁଣ ଅଧିକ ଥିବା କୁହାଯାଇଛି । ତେବେ ବିଶ୍ୱରେ କୋରୋନା ଆକ୍ରାନ୍ତ ୨୧୪ଟି ରାଷ୍ଟ୍ର ମଧ୍ୟରୁ ୧୦ଟି ରାଷ୍ଟ୍ର ତଥା ଇଜିପ୍ଟ, ତୁର୍କି, ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରାଜିଲ, ଇଣ୍ଡୋନେସିଆ, ମେକ୍ସିକୋ ଠାରୁ ରୁଷ ଏବଂ ଦକ୍ଷିଣ ଆଫ୍ରିକାରେ କେବଳ ମୋଟ ମୃତ୍ୟୁ ସଂଖ୍ୟା ୬୮ ପ୍ରତିଶତ ମୃତ୍ୟୁ ଘଟିଥିବା ଦର୍ଶାଯାଇଛି । ଏହାର ଅର୍ଥ ହେଉଛି, ବିଶ୍ୱରେ ମୋଟ ଯେତିକି ଲୋକଙ୍କର ମୃତ୍ୟୁ ଘଟିଛି, ଏହି ୧୦ଟି ରାଷ୍ଟ୍ରରେ ତାହାର ଅଧାରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି । ଭାରତରେ ସରକାରୀ ହିସାବ ଅନୁଯାୟୀ ୨୦୨୦ ମାର୍ଚ୍ଚରୁ ବର୍ତ୍ତମାନ ସୁଦ୍ଧା ୫ଲକ୍ଷ ୮୦ ହଜାର ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ହୁ' ର ପ୍ରଦତ ରିପୋର୍ଟରେ ଏହି ସଂଖ୍ୟା ୪୭ ଲକ୍ଷରୁ ଅଧିକ ବୋଲି କୁହାଯାଇଛି । ହୁ' ଯେଉଁ ଗଣିତଜ୍ଞ ସୂତ୍ର ଅନୁଯାୟୀ ମୃତ୍ୟୁ ସଂଖ୍ୟା ଆକଳନ କରିଛି, ତାହା ଆଦୌ ଗ୍ରହଣୀୟ ଯୋଗ୍ୟ ନୁହେଁ ବୋଲି ଭାରତ ଦର୍ଶାଇବା ସଙ୍ଗେ ସଙ୍ଗେ ମୃତ୍ୟୁ ସଂଖ୍ୟାକୁ ଅଗ୍ରାହ୍ୟ କରିଛି । ମାତ୍ର ହୁ' ତାର ରିପୋର୍ଟରେ କହିଛି ଯେ, ଏହି ମୃତ୍ୟୁ ସଂଖ୍ୟା ପ୍ରତ୍ୟକ୍ଷ କେରୋନା ଆକ୍ରାନ୍ତ ଓ ପରୋକ୍ଷ ଭାବେ ମୃତ୍ୟୁକୁ ନେଇ ପ୍ରସ୍ତୁତ ହୋଇଛି । ଉଦାହରଣ ସ୍ୱରୁପ କୋଭିଡ ହସପିଟାଲରରେ ଭର୍ତୀ ହେବା ପରେ ମଧୁମେହ, ରକ୍ତଚାପ, ଶ୍ୱାସ ଆଦି ରୋଗରେ ଆକ୍ରାନ୍ତ ହୋଇ ହସପିଟାଲରରେ ଚିକିତ୍ସା ସୁଯୋଗ ନେଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ସରକାର ହସପିଟାଲକୁ ନେଇ ନଥିବା ହୁ' କହିଛି । ହୁ ଆହୁରି ମଧ୍ୟ କହିଛି ଯେ, ମହାମାରୀ ନିୟନ୍ତ୍ରଣ ପାଇଁ ବାରମ୍ବାର ଲକଡାଉନ ଯୋଗୁଁ ରାସ୍ତା ଦୁର୍ଘଟଣା ପ୍ରାୟ ନଥିଲା । ତେଣୁ ଅନ୍ୟ ବର୍ଷମାନଙ୍କରେ ହାରାହାରୀ ମୃତ୍ୟୁ ଠାରୁ ଯେତେ ଅଧିକ ଲୋକ ମରିଛନ୍ତି, ତାହାକୁ କୋଭିଡର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବ କୁହାଯାଇପାରେ ବୋଲି ହୁ ଦର୍ଶାଇଛି ।

## ନୀତିବାଣୀ

ଦେବର୍ଷି ନାରଦଙ୍କର ଆନନ୍ଦମୟ ଇଚ୍ଛାନୁଯାୟୀ ନଳକୁବେର ଓ ମଣିଗ୍ରୀବର ଅଭିଶାପ ଏବଂ ଶ୍ରୀକୃଷ୍ଣଙ୍କ ଦ୍ୱାରା ଶାପମୁକ୍ତି ବିଷୟ ଏଠାରେ ବର୍ଣ୍ଣିତ ହୋଇଅଛି ।

ଦେବତାମାନଙ୍କର ଡ଼ଦାଧିପତି କୁବେଣଙ୍କର ଦୁଇପୁତ୍ର ଥିଲେ ଦୁଇଟି ବିଶିଷ୍ଟ ଦେବତା ନଳକୁବେର ଓ ମଣିଗ୍ରୀବ । କୁବେର ଶ୍ରୀ ଶିବଜୀଙ୍କର ଜଣେ ବିଶିଷ୍ଟ ଭକ୍ତ ଅଟନ୍ତି । ଶ୍ରୀ ଶିବଜୀଙ୍କ କୃପାରୁ କୁବେରଙ୍କ ଭୌତିକ ଧନସମ୍ପତ୍ତିର ସୀମା ନଥିଲା । ସାଧାରଣତଃ ଧନୀଲୋକର ପୁତ୍ରମାନେ ମଦ୍ୟ ଓ ସ୍ତ୍ରୀଲୋକଙ୍କ ପ୍ରତି ଆସକ୍ତ ହୁଅନ୍ତି ତେଣୁ କୁବେରଙ୍କର ଏ ଦୁଇପୁତ୍ର ମଧ୍ୟ ମଦ୍ୟ ଓ ମୈଥୁନ ପ୍ରତି ଆସକ୍ତ ହୋଇଥିଲେ । ଦିନକର ଏ ଦେବତା ଦୁଇଜଣ ମୈଥୁନ ଉପଭୋଗ ଇଚ୍ଛାରେ ମନ୍ଦାକିନୀ ଗଙ୍ଗାକୁଳରେ ଥବବା କୈଳାଶ ପ୍ରଦେଶରେ ଶ୍ରୀ ଶିବଜୀଙ୍କ ବଗିରେ ପ୍ରବେଶ କଲେ । ସେଠାରେ ସେମାନେ ବହୁତ ମଦ୍ୟପାନ କଲେ ଏବଂ ସୁଗନ୍ଧିତ ପୁଷ୍ପପୂର୍ଣ୍ଣ ବଗିରେ ସେମାନଙ୍କ ସାଥୀରେ ଆସିଥିବା ସୁନ୍ଦରୀ ସ୍ତ୍ରୀମାନଙ୍କର ଗାନ ଶ୍ରବଣ କଲେ । ନିଶାରେ ଭୋଳ ହୋଇ ସେ ଦୁଇଜଣ ଗଙ୍ଗା ନଦୀର ଜଳ ମଧ୍ୟରେ ପ୍ରବେଶ କଲେ । ଗଙ୍ଗାନଦୀ ପଦ୍ମପୁଷ୍ପରେ ପୁରି ଉଠିଥିଲା । ଜଳମଧ୍ୟରେ ହସ୍ତୀ ଓ ହସ୍ତିନୀ ଉନ୍ମତ୍ତ ହୋଇ କ୍ରୀଡ଼ା କଲା ପରି ଅର୍ଥାତ୍ ମୈଥୁନରେ ରତ ହେଲାପରି ଏ ଦୁଇଜଣ ସେଠାରେ ଯୁବତୀ ସ୍ତ୍ରୀଲୋକମାନଙ୍କ ସହ ମୈଥୁନରେ ରତ ହେଲେ ।

ଯେତେବେଳେ ସେ ଦୁଇଜଣ ଏପରି ଜଳକେଳି କରୁଥିଲେ ଠିକ୍ ସେତିକି ବେଳେ ଦେବର୍ଷି ନାରଦ ସେ ବାଟ ଦେଇ ଯାଉଥିଲେ । ସେ ଜାଣିପାରିଏ ଏ ଦୁଇଟି ଦେବତା ନଳକୁବେର ଓ ମଣିଗ୍ରୀବ ନିଶାରେ ଅତ୍ୟନ୍ତ ଭୋଳ ହୋଇଯାଇଛନ୍ତି । ଫଳରେ ସେମାନେ ଦେବର୍ଷି ନାରଦଙ୍କୁ ସେବାଟେ ଯାଉଥିବାର ଦେଖିପାରିଲେ ନାହିଁ, କିନ୍ତୁ ଯୁବତୀ ସ୍ତ୍ରୀଗଣ ସେ ଦବେତା ଦୁଇଜଣଙ୍କ ପରି ନିଶାରେ ଭୋଳ ହୋଇନଥିଲେ । ତେଣୁ ସେମାନଙ୍କର ଉଲଗ୍ନ ଅବସ୍ଥାରେ ଦେବର୍ଷି ନାରଦଙ୍କୁ ସମ୍ମୁଖରେ ଦେଖି, ସେମାନେ ସାଙ୍ଗେ ସାଙ୍ଗେ ଖୁବ୍ ଲଜ୍ଜିତା ହୋଇ ପଡ଼ିଲେ । ସେମାନେ ଖୁବ୍ ତରତର ହୋଇ ବସ୍ତ୍ରରେ ସେମାନଙ୍କର ଶରୀରକୁ ଆବୃତ କରିପକାଇଲେ । କୁବେରଙ୍କର ସେ ଦୁଇପୁତ୍ର ଏତେ ଦୂର ନିଶାରେ ଭୋଳ ହୋଇଯାଇଲେ ଯେ, ସେମାନେ ନାରଦଙ୍କର ଉପସ୍ଥିତି ଅନୁଭବ କରିପାରିଲେ ନାହିଁ, ତେଣୁ ସେମାନେ ଉଲଗ୍ନ ଅବସ୍ଥାରେ ରହିଲେ, ଶରୀରକୁ ବସ୍ତ୍ର ଦ୍ୱାରା ଆବୃତ କଲେ ନାହିଁ ।

# ଦେଶଦ୍ରୋହ ଆଇନର ଅପବ୍ୟବହାରକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତିତ

ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪



ଗତ ବର୍ଷ ଅକ୍ଟୋବର ୨୬ରେ, କାଶ୍ମୀରର ତିନିଜଣ ଛାତ୍ରଙ୍କୁ ଆଗ୍ରାରୁ ଗିରଫ କରାଯାଇଥିଲା । ସେଡିସନ ଆକ୍ଟ ଅନୁଯାୟୀ ସେମାନଙ୍କ ବିରୋଧରେ ଏକ ମାମଲା ଦାୟର କରାଯାଇଥିଲା । ଭାରତ-ପାକିସ୍ତାନ ଟି -୨୦ କ୍ରିକେଟ୍ ମ୍ୟାଚ୍ ସମୟରେ ଏହି ତିନି ଛାତ୍ର ପାକିସ୍ତାନ ପାଇଁ ବେକ ଭାଙ୍ଗିଥିବା ଅଭିଯୋଗ ହୋଇଥିଲା । ସେହି ସମୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ଯେଉଁମାନେ ବିଦ୍ରୋହ ଆଇନ ଅନୁଯାୟୀ ପାକିସ୍ତାନର ବିଜୟ ଉତ୍ସବ ପାଳନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେତେବେଳେ ଏହି ଘଟଣାକୁ ନେଇ ଏକ ବଡ଼ ଧରଣର ଗଣ୍ଡଗୋଳ ହୋଇଥିଲା । ବିନା କାରଣରେ ଦୀର୍ଘ ମାସ ଜେଲରେ ରହିବା ପରେ ଏହି ତିନି ଛାତ୍ରଙ୍କୁ କିଛି ଦିନ ପୂର୍ବରୁ ମୁକ୍ତ କରାଯାଇଥିଲା । ସବୁଥର ପରି, ଏହି ଛାତ୍ରମାନଙ୍କ ମୁକ୍ତ ହେବା ପରେ କୌଣସି ଖବର ନଥିଲା । ସେମାନଙ୍କୁ ମୁକ୍ତ କରାଯାଇଛି । କିନ୍ତୁ ହଜିଯାଇଥିବା ସମ୍ମାନକୁ ସେମାନେ କିପରି ଅପବିତ୍ର କରି ପାରିବେ, ତାହା କିପରି ଫେରି ପାଇବ । ଏଭଳି ଏକ ସଂବେଦନଶୀଳ ଖବରକୁ କାହିଁକି ସାମ୍ନାକୁ ଆଣିବା ଆବଶ୍ୟକ ମନେହୁଏ ? ଏହାର କାରଣ ହେଉଛି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଦେଶଦ୍ରୋହ ଆଇନକୁ ରଦ୍ଦ କରିବା ପାଇଁ ଦାଖଲ ହୋଇଥିବା ଏକାଧିକ ଜନସ୍ୱାର୍ଥ ମାମଲାର ଅନ୍ତିମ ଶୁଣାଣି ତ୍ୱରାନ୍ୱିତ କରିବାକୁ ଚାହୁଁଛନ୍ତି । କେବଳ ଏହି ତିନୋଟି ଛାତ୍ର ନୁହଁନ୍ତି, ଦେଶଦ୍ରୋହ ଆଇନ ଅନୁଯାୟୀ କାରାଗାରରେ ଥିବା କିମ୍ବା କାରାଗାରରେ ଥିବା ଲୋକଙ୍କ ସଂଖ୍ୟା ସମଗ୍ର ଦେଶରେ କମ୍ ନୁହେଁ । ଗତ ଦଶ ବର୍ଷର ପରିସଂଖ୍ୟାନ ଦର୍ଶାଉଛି ଯେ ସୁପ୍ରିମକୋର୍ଟଙ୍କ ରାୟକୁ ଉଲ୍ଲଂଘନ କରି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର କେତେଜଣ ନିରୀହ ଲୋକଙ୍କୁ ବାରମ୍ବାର ଗିରଫ କରିଛନ୍ତି । ତଥ୍ୟ ଅନୁଯାୟୀ, ବିଭିନ୍ନ ରାଜନୈତିକ ଦଳ କିମ୍ବା ବ୍ୟକ୍ତିବିଶେଷଙ୍କୁ ସର୍ବସାଧାରଣରେ ସମାଲୋଚନା କରୁଥିବା ଦେଶଦ୍ରୋହ ଆଇନ ଅନୁଯାୟୀ ଅତି କମରେ ୪୦୫ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି । ଏହି ୪୦୫ ଜଣଙ୍କ ମଧ୍ୟରୁ ୧୪୯ ଜଣ ହେଉଛନ୍ତି ଯେଉଁମାନେ ପ୍ରଧାନମନ୍ତ୍ରୀଙ୍କୁ ସିଧାସଳଖ ସମାଲୋଚନା କରିଛନ୍ତି । ଏବଂ ୧୪୪ ଜଣଙ୍କ ବିରୋଧରେ ସେମାନେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ସମାଲୋଚନା କରିଛନ୍ତି । କିନ୍ତୁ ଗଣତନ୍ତ୍ରରେ ଏକ ଦେଶର ପ୍ରଧାନମନ୍ତ୍ରୀ କିମ୍ବା ଏକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପକୁ କାହିଁକି ବିରୋଧ କରିବେ ନାହିଁ ? ୧୯୭୨ ସୁପ୍ରିମକୋର୍ଟର ଏକ ରାୟରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି ଯେ ଯଦି ତାଙ୍କ ଆଚରଣ କିମ୍ବା ବକ୍ତବ୍ୟ କୌଣସି ପ୍ରକାରେ ଲୋକଙ୍କୁ ଉତ୍ତ ?ଜିତ ନକରେ କିମ୍ବା ଏହାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ସରକାରଙ୍କୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା ନକରନ୍ତି ତେବେ ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ ଦେଶଦ୍ରୋହ ଆଇନ ପ୍ରୟୋଗ ହୋଇପାରିବ ନାହିଁ । ଏହା ପରେ ମଧ୍ୟ ଅନ୍ୟ ଏକ ମାମଲାରେ ସୁପ୍ରିମକୋର୍ଟ ସେମାନଙ୍କ ଆଭିମୁଖ୍ୟକୁ ସମର୍ଥନ କରିଥିଲେ । କିନ୍ତୁ ପ୍ରଶ୍ନ ଉଠିଲା, ତାହା କିପରି ସ୍ଥିର ହେଲା ସ୍ପଷ୍ଟ ହୋଇନାହିଁ ।

କେଉଁ ସବୁ ବିବୃତ୍ତି ଲୋକମାନଙ୍କୁ ଉତ୍ତେଜିତ କରୁଛି ଓ କିଏ ଏହାକୁ ସ୍ଥିର କରୁଛନ୍ତି ? ଏହି ସମସ୍ତ ରାୟ ଓ ଗିରଫଦାରୀକୁ ଦୃଷ୍ଟିରେ ରଖି ଆଜି ରାଜନୈତିକ ତଥା ବ୍ୟକ୍ତିଗତ ସ୍ୱାଧୀନତା ଦୃଷ୍ଟିରୁ ଏହି ଆଇନର ପ୍ରତ୍ୟାହାର ଏକ ସମୟାନୁବର୍ତ୍ତୀ ବୋଲି କହିବା ସମ୍ଭବ ନୁହେଁ କି ? ଏହି ଦାବି କେବଳ ନାଗରିକଙ୍କ ଦ୍ୱାରା ନୁହେଁ, ବରଂ ସମସ୍ତ ରାଜନୈତିକ ଦଳ ମଧ୍ୟ ଉଠାଇବା ଆବଶ୍ୟକ । ବିରୋଧୀଙ୍କୁ ନୀରବ ରଖିବା ଓ ହଇରାଣ କରିବା ପାଇଁ କେନ୍ଦ୍ରରେ ଶାସକ ଦଳ ପାଇଁ ଦେଶଦ୍ରୋହ ଆଇନ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ । ଭୟ ହେଉଛି ଯଦି ଦେଶଦ୍ରୋହ ଆଇନ ରଦ୍ଦ ନହୁଏ ତେବେ ଭବିଷ୍ୟତରେ କୌଣସି ବିରୋଧୀ ଶକ୍ତି କିମ୍ବା ବ୍ୟକ୍ତିବିଶେଷଙ୍କୁ ନୀରବ କରିବା ପାଇଁ ଏହା ବ୍ୟବହାର କରାଯିବ । ଏହି ପରିପ୍ରେକ୍ଷୀରେ ଦେଶର ପୂର୍ବତନ ପ୍ରଧାନ ବିଚାରପତି ମଦନ ଲୋକୁରଙ୍କ ବିବୃତ୍ତି ମଧ୍ୟ ଉଲ୍ଲେଖନୀୟ । ସେ କହିଛନ୍ତି ଯେ କେବଳ ଦେଶଦ୍ରୋହ ଆଇନର ଅପବ୍ୟବହାର ନୁହେଁ, ଶାସକ ଦଳ ଏହି ଆଇନ ମାଧ୍ୟମରେ ଅଧିକ ଶକ୍ତିଶାଳୀ ହେବାକୁ ଯାଉଛନ୍ତି । ଗୋଟିଏ ସମୟରେ ଯେତେବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ଶୁଣାଣି ଆରମ୍ଭ କରିବାକୁ ଯାଉଛନ୍ତି, ସେତେବେଳେ ପ୍ରତ୍ୟେକ ନାଗରିକ ଜାଣିବା ଆବଶ୍ୟକ କରନ୍ତି ଯେ ଏହି ଆଇନକୁ ରଦ୍ଦ କରିବାକୁ କାହିଁକି ଦାବି କରାଯାଉଛି ? ଆଇନ ଅନୁଯାୟୀ, ସରକାରଙ୍କ ପ୍ରତି 'ଘୃଣା', 'ଅବମାନନା' ଓ 'ଅସନ୍ତୋଷ' ସୃଷ୍ଟି କରିବାର ପ୍ରୟାସ ତିନି ବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇପାରେ ।

ତେଣୁ ସମସ୍ୟା ହେଉଛି ଏହି ତିନୋଟି ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନାହିଁ କି କୌଣସି ଶାସକ ଦଳ ଏହି ଶବ୍ଦର ଭୁଲ ବ୍ୟାଖ୍ୟା କରିପାରିବେ ନାହିଁ । ବିଦ୍ରୋହ ଆଇନ ଅନୁଯାୟୀ ଯେ କୌଣସି ଆଇନଗତ ବିରୋଧ ଏବଂ ବିରୋଧକୁ ମଧ୍ୟ ଛାଡି ଦିଆଯାଇପାରେ । ଫଳସ୍ୱରୂପ, ଅନେକ ନିରୀହ ଲୋକଙ୍କୁ ନିଜ ପାଦରେ ଠିଆ ହେବାକୁ ପଡିପାରେ, ବିନା ଚାର୍ଜରେ ମଧ୍ୟ କାରାଗାରରେ ରଖାଯାଇପାରେ । ଆଗ୍ରାର ତିନି ଜଣ କାଶ୍ମୀରୀ ଛାତ୍ରଙ୍କ ସହିତ ଏହା ଘଟିଛି । ବ୍ରିଟିଶ ଶାସନ କାଳରେ ପ୍ରବର୍ତ୍ତିତ ଏହି ଆଇନକୁ କାର୍ଯ୍ୟକାରୀ କରିବା ସମୟରେ ବିଭିନ୍ନ ସମୟରେ ଉପନିବେଶିକ ବ୍ରିଟିଶ ସରକାର ମହାତ୍ମା ଗାନ୍ଧୀ, ଲୋକମାନ୍ୟ ତିଲକ ସମେତ ଦେଶର ସ୍ୱାଧୀନତା ଆନ୍ଦୋଳନର ନେତାଙ୍କ ବକ୍ତବ୍ୟ ତଥା ଲେଖା ବନ୍ଦ କରିବାକୁ ଚେଷ୍ଟା କରିଥିଲେ । ଆଜି, ସ୍ୱାଧୀନତାର ୭୫ ତମ ବର୍ଷରେ, ବର୍ତ୍ତମାନର କେନ୍ଦ୍ର ସରକାର ଦେଶର ଲୋକମାନଙ୍କୁ ଚୁପ୍ କରିବା ପାଇଁ ସମାନ ନିୟମ ବ୍ୟବହାର କରୁଛନ୍ତି । ସ୍ୱାଧୀନତାର ସତୁରି ବର୍ଷରେ, ଗୋଟିଏ ପଟେ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରାଯାଉଛି, ଅନ୍ୟପଟେ ବିରୋଧୀଙ୍କ ସ୍ୱରକୁ ଦମନ କରିବା ପାଇଁ ପୁରୁଣା ବ୍ରିଟିଶ ନିୟମ ଲାଗୁ କରାଯାଉଛି । ଯେତେବେଳେ ଆମର ସମ୍ବିଧାନ ବ୍ୟକ୍ତିର କଥା କହିବା ଅଧିକାରକୁ ବାରମ୍ବାର ଜୋର ଦେଇଥାଏ, ସେତେବେଳେ ଏହି ନିୟମ କିପରି କହିବାର ଅଧିକାର ଛଡ଼ାଇ ନେଇପାରେ ?

ଗୋଟିଏ ସ୍ୱାଧୀନ ଦେଶର ସରକାର କ'ଣ ଚାହୁଁଛନ୍ତି । ସରକାରଙ୍କୁ ବାରମ୍ବାର ସମାଲୋଚନା କରିବା ଦେଶଦ୍ରୋହ ନୁହେଁ ବୋଲି କୋର୍ଟ ବାରମ୍ବାର କହିଛନ୍ତି । କିନ୍ତୁ ସରକାର ଏହାକୁ ଧରିନାହାଁନ୍ତି । ଅପରପକ୍ଷେ, ଏହି ନିୟମକୁ ସବୁଆଡେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରାଯାଉଛି । ପରିସଂଖ୍ୟାନକୁ ଦେଖିଲେ, ଏହି ପରିପ୍ରେକ୍ଷୀରେ ଏକ ସ୍ପଷ୍ଟ ଚିତ୍ର ଅଛି । କେବଳ ଗତ ଦଶ ବର୍ଷ ମଧ୍ୟରେ ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟ କିମ୍ବା ମନ୍ତବ୍ୟ ପାଇଁ କର୍ଣ୍ଣାଟକର ୪୬ ଜଣଙ୍କ ବିରୋଧରେ ଦେଶଦ୍ରୋହ ଆଇନ ପ୍ରଣୟନ କରାଯାଇଛି । ଉତ୍ତରପ୍ରଦେଶ ଓ ଆସାମ ସମେତ ବିଭିନ୍ନ ରାଜ୍ୟରେ ନାଗରିକତ୍ୱ ଆଇନକୁ ବିରୋଧ କରୁଥିବା ଅତି କମରେ ୨୫ ଜଣଙ୍କ ପାଇଁ ଏହି ନିୟମ ଲାଗୁ କରାଯାଇଥିଲା । ବାସ୍ତବରେ, ରାଜନୈତିକ ମାଷ୍ଟରଙ୍କ ନିର୍ଦ୍ଦେଶରେ ବିରୋଧୀଙ୍କୁ ହଇରାଣ କରିବା ପାଇଁ ପୋଲିସ-ପ୍ରଶାସନ ପାଇଁ ଏହି ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ହୋଇପାରିଛି । ଯଦି ଏହି ବିଭାଗ ଅଧୀନରେ ଅଭିଯୋଗ କରାଯାଏ, ତେବେ ଏହା ଜାମିନ ପାଇଁ ଅଯୋଗ୍ୟ ଅଟେ । ଯଦିଓ ପ୍ରକୃତରେ କୌଣସି ଅପରାଧ କରାଯାଇ ନାହିଁ, ତେବେ ଏହି ନିୟମ କୌଣସି ବ୍ୟକ୍ତିଙ୍କ ପାଇଁ ପ୍ରୟୋଗ ହୋଇପାରିବ ଏବଂ ଅନ୍ତିମ ବିଚାରରେ ସେହି ବ୍ୟକ୍ତିଙ୍କୁ ପ୍ରମାଣ କରିବାକୁ ପଡିବ ଯେ ସେ 'ଦେଶଦ୍ରୋହ'ର କୌଣସି କାର୍ଯ୍ୟରେ ଜଡିତ ନୁହଁନ୍ତି । ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସେ ଏବଂ ତାଙ୍କ ଦଳର ବିଶିଷ୍ଟ ନେତାମାନେ ଦେଶଦ୍ରୋହ ଆଇନ ଅନୁଯାୟୀ ଛିଡା ହୋଇଛନ୍ତି । ୨୦୧୯ ଲୋକସଭା ନିର୍ବାଚନ ପୂର୍ବରୁ, ଯେତେବେଳେ ବିରୋଧୀ କଂଗ୍ରେସ ନିର୍ବାଚନୀ ଇସ୍ତାହାର ଆଇନର ପ୍ରତ୍ୟାହାର ପାଇଁ ଆହ୍ୱାନ ଦେଇଥିଲେ, ସେତେବେଳେ ପ୍ରଧାନମନ୍ତ୍ରୀ ନିଜେ ପରିହାସ କରି କହିଛନ୍ତି, "ଏକ ଶତାବ୍ଦୀ ପୁରୁଣା ଦଳ କିପରି ଜଳୁଥିବା ଲୋକଙ୍କ ପକ୍ଷ ନେଇପାରିବ ? ତେବେ କାନହୟା କୁମାରଙ୍କ ବିରୋଧରେ ଦେଶଦ୍ରୋହର କୌଣସି ଅଭିଯୋଗ ପ୍ରମାଣିତ ହୋଇନାହିଁ । ଯାହାଙ୍କ ପାଇଁ ପ୍ରଧାନମନ୍ତ୍ରୀ ଏହି କଥା କହିଛନ୍ତି । ତତ୍କାଳୀନ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ ଖୋଲାଖୋଲି ଭାବେ କହିଛନ୍ତି ଯେ ଦେଶ ବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ନହେବା ପାଇଁ ସେମାନେ ଦେଶଦ୍ରୋହ ଆଇନକୁ କଡାକଡି କରିବାକୁ ଚିନ୍ତା କରୁଛନ୍ତି । ବାସ୍ତବରେ ବିଜେପି ଯାହା କହିପାରେ ନା କାହିଁକି, ସେମାନେ ବ୍ରିଟିଶ ଶାସନକୁ ବିରୋଧ କରୁଛନ୍ତି, କିନ୍ତୁ ସେମାନଙ୍କର ଆତ୍ମବିଶ୍ୱାସ ବ୍ରିଟିଶ ସମୟର ଭୟାନକ ଆଇନ ସପକ୍ଷରେ ଅଛି । ପୂର୍ବତନ ଆଇନ ମନ୍ତ୍ରୀ ଅରୁଣ ଶୈରୀଙ୍କ ସହ ଆମେ ମଧ୍ୟ ଦାବି କରିବା ଉଚିତ ନୁହେଁ କି, ସମ୍ବିଧାନ ପ୍ରଣୟନ ହେବାର ବହୁ ବର୍ଷ ପୂର୍ବରୁ ଯେଉଁ ଆଇନ ପ୍ରଣୟନ କରାଯାଇଥିଲା, ତାହା ସାମ୍ବିଧାନିକ ବୈଧ ହେବା ଉଚିତ କି ? ବରଂ ଏହି ନିୟମକୁ ବଳବତ୍ତର ରଖିବା ଅସାମ୍ବିଧାନିକ ଅଟେ... !!!

# ଫଳକ ବଦଳିଗଲେ ଭାଷା ପ୍ରୀତି ବଢିଯିବ କି ?

ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର

ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ଆତ୍ମିକ ସମ୍ପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରିନଥିଲା । ଦୀର୍ଘ ୬୨ବର୍ଷ ପ୍ରତୀକ୍ଷାର ଅବସାନ ଘଟିଲା ୨୦୧୬ ମସିହା ମେ ୨୧ ତାରିଖରେ । ଯେଉଁଦିନ ସରକାରୀ ସ୍ତରରେ ସବୁକାମ ଓଡିଆରେ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତି ହୋଇଥିଲା । ସେହିପରି ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ଗତ ୨୦୧୭ ମସିହା ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବ୍ୟଠକରେ ଗୁରୁତ୍ୱ ପୁର୍ଣ୍ଣ ନିଷ୍ପତ୍ତି ନେଇଥିଲେ । ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଶାସ୍ତ୍ରୀୟ ମାନ୍ୟତା ଖୁସିରେ ରାଜ୍ୟ ସରକାର ୨୦୧୪ ମସିହା ଠାରୁ ମାର୍ଚ୍ଚ ୧୧ ତାରିଖକୁ ଓଡିଆ ଭାଷାଦିବସ ରୁପେ ପାଳନ କରୁଛନ୍ତି । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୫ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳରାମ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ । ଏମାନେ ହିଁ ଓଡିଆ ସାହିତ୍ୟର ରକ୍ଷାକାରୀ । କଥା ସମ୍ରାଟ

| କ | ଖ | ଗ | ଘ | ଙ | ଚ | ଛ | ଜ | ଝ | ଞ |
|---|---|---|---|---|---|---|---|---|---|
| ka | kha | ga | gha | ṅa | ca | cha | ja | jha | ña |
| [kɔ] | [kʰɔ] | [gɔ] | [gʱɔ] | [ŋɔ] | [tʃɔ] | [tʃʰɔ] | [dʒɔ] | [dʒʱɔ] | [ɲɔ] |
| ଟ | ଠ | ଡ | ଢ | ଣ | ତ | ଥ | ଦ | ଧ | ନ |
| ṭa | ṭha | ḍa | ḍha | ṇa | ta | tha | da | dha | na |
| [ʈɔ] | [ʈʰɔ] | [ɖɔ] | [ɖʱɔ] | [ɳɔ] | [tɔ] | [tʰɔ] | [dɔ] | [dʱɔ] | [nɔ] |
| ପ | ଫ | ବ | ଵ | ଭ | ମ | ଯ | ୟ | ର | ଳ |
| pa | pha | ba | va | bha | ma | ya | ẏa | ra | ḷa |
| [pɔ] | [pʰɔ] | [bɔ] | [vɔ] | [bʱɔ] | [mɔ] | [dʒɔ] | [jɔ] | [rɔ] | [ɭɔ] |
| ଲ | ଶ | ଷ | ସ | ହ | | | | | |
| la | śa | ṣa | sa | ha | | | | | |
| [lɔ] | [sɔ] | [sɔ] | [sɔ] | [hɔ] | | | | | |

ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ସ୍ୱଭାବ କବି ଗଂଗାଧର ମେହେରଙ୍କ ସୃଷ୍ଟି ସମ୍ଭାର ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି, ଏହା ଅନସ୍ୱୀକାର୍ଯ୍ୟ ।

ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା – ଚୀନ,ହିନ୍ଦୀ, ଇଂରାଜୀ,ସ୍ପେନିଶ୍, ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । କିନ୍ତୁ ଆଜି କେବଳ ଆମର ମାତୃଭାଷା ଓଡିଆ ନୁହେଁ, ଭାରତର ପ୍ରତ୍ୟେକ ଭାଷା ତଥା ପୃଥିବୀର ଅନେକ ଭାଷା ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଆଜି ପ୍ରତ୍ୟେକ ଦେଶ ଏ ସଙ୍କଟରୁ ମୁକ୍ତି ପାଇବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା - ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ଖାଲି ସେତିକି ନୁହେଁ ଓଡିଆରେ ଦରଖାସ୍ତ ଲେଖିବାକୁ ଆମେ ଆଗ୍ରହ ପ୍ରକାଶ ନକରି ଇଂରାଜୀରେ ଲେଖିବାକୁ ମନକରିଥାଉ । ଏପରିକି ଆମ ରାଜ୍ୟକୁ ଆସୁଥିବା ଅଣ ଓଡିଆମାନଙ୍କ ସହିତ ଆମ ଓଡିଆରେ ନକହି ସେମାନଙ୍କ ଭାଷାରେ କହିବାକୁ ଚେଷ୍ଟା କରୁ ।ଏହିଭଳି ହୀନମନ୍ୟତା ହିଁ ଆମ ପ୍ରାଣରୁ ଭାଷା ପ୍ରୀତି ହ୍ରାସ କରାଉଛି । ଯଦି ଆମର ଭାଷା ପ୍ରୀତି ଥାଆନ୍ତା ତାହାଲେ ଆମକୁ ଆମ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ କରିବାକୁ ପଡୁନଥାନ୍ତା ।

ନିକଟରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନାମ ଫଳକକୁ ଓଡିଆରେ ଭାଷାରେ ଲେଖାଯିବ । ଏନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ଜେନା ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଉଚ୍ଚ ଶିକ୍ଷା ବିଭାଗ ସହିତ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଜଣାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଦେଶର ଅନ୍ୟାନ୍ୟ ରାଜ୍ୟରେ ଇଂରାଜୀ ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦେଇ ସମସ୍ତ ଶିକ୍ଷାନୁଷ୍ଠାନର ନାମଫଳକ ଇଂରାଜୀ ସହିତ ସ୍ଥାନୀୟ ଭାଷାରେ ମଧ୍ୟ ଲେଖାଯାଇଛି । ଆମ ରାଜ୍ୟରେ ଏଭଳି ନିଷ୍ପତ୍ତି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଆମ ଭାଷା ପ୍ରତି ଆମର ଶ୍ରଦ୍ଧା ଏବଂ ଭଲପାଇବା ଉପର ଠାଉରିଆ । ସଭାସମିତିରେ ବକ୍ତାମାନେ ଭାଷଣ ଦେବା ବେଳେ ଆମେ ଖୁବ୍ ଉତ୍ସାହିତ ହୋଇ ତାଳିମାରୁ । କିନ୍ତୁ ତାପରେ ପୁଣି ଆମ ମନ ଭିତରେ ଇଂରାଜୀ ଭାଷା ତା ସ୍ଥିତି ଜମେଇ ନିଏ । ସେହିପରି କୁନିକୁନି ପିଲାମାନେ ଖନେଇ ଖନେଇ ଇଂରାଜୀ କହିଲେ ବାପା ମାଆ ଓ ଜେଜେ ଜେଜେମାଆଙ୍କ ଛାତି ଫୁଲି ଉଠେ । ଖାଲି ଶିକ୍ଷାନୁଷ୍ଠାନରେ ନାମ ଫଳକ ବଦଳିଗଲେ ଆମ ଭାଷା ପ୍ରୀତି ବଢିଯିବ ନାହିଁ । ଓଡିଆ ଭାଷା ଦାପ୍ତରିକ ଭାଷା ହେଉ, ସରକାରୀ ନଥିପତ୍ର ଓଡିଆ ଭାଷାରେ ଲେଖାହେଉ ଓ ଏହାକୁ ଉଲଘଂନ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବାର ଆବଶ୍ୟକତା ଅଛି । ଏବେବି ସରକାରୀ ଦପ୍ତରମାନଙ୍କରେ ଅନେକ ଜାଗାରେ ଇଂରାଜୀ ଫଳକ ଏଯାଏଁ ରହିଛି । ଏସବୁ ଦେଖିଲେ ଅନୁମାନ କରିହୁଏ ଆମେ କ'ଣ ସତରେ ଆମ ଓଡିଆ ଭାଷାକୁ ଏଯାଏଁ ପ୍ରାଣଭରି ଭଲପାଉଛେ ? ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ଲୋଡା । ଏ ବିଷୟରେ ଗଭୀର ଭାବେ ଅନୁଶୀଳନ କରିବାର ଅଛି ।



# ଓଡ଼ିଶା ସଂଦେଶ

ଭୁବନେଶ୍ୱର, ମଇ ୧୬-୨୨,୨୦୨୨






## ବିଶ୍ୱ କୋଭିଡ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

# ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଭାରତ ପ୍ରସ୍ତୁତ

ନୂଆଦିଲ୍ଲୀ ,(ପିଆଇବି): ନିକଟରେ ଅନୁଷ୍ଠିତ ବିଶ୍ୱ କୋଭିଡ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ସଂସ୍କାର ଆଣିବା ଓ ତାକୁ ଅଧିକ ଶାକ୍ତିଶାଳୀ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଯୋଗାଣ ଶୃଙ୍ଖଳକୁ ସ୍ଥିର କରିବା ପାଇଁ ହୁ'ର ଟିକା ଓ ଚିକିତ୍ସା ପଦ୍ଧତିଗୁଡିକର ପ୍ରମାଣୀକରଣ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ପାଇଁ ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଛନ୍ତି ।

ଭବିଷ୍ୟତର ସ୍ୱାସ୍ଥ୍ୟଗତ ଜରୁରୀ ପରିସ୍ଥିତିର ମୁକାବଲା କରିବାକୁ ଏକ ସୁସମନ୍ୱୟ ବୈଶ୍ୱିକ ପ୍ରକ୍ରିୟା ଆବଶ୍ୟକ । ଆମର ଏକ ପ୍ରାଣବନ୍ତ ବିଶ୍ୱ ଯୋଗାଣ ଶୃଙ୍ଖଳ ଦରକାର।



ଯାହା ଦ୍ୱାରା ଟିକା ଓ ଔଷଧ ଆଦିର ଯୋଗାଣ ହୋଇ ପାରିବ। ବିଶ୍ୱ ସମୁଦାୟର ଏକ ଦାୟିତ୍ୱ ସମ୍ପନ୍ନ ସଦସ୍ୟ ଭାବେ ଏହି ପ୍ରକ୍ରିୟାରେ ଭାରତ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ମୋଦି କହିଛନ୍ତି। ଭାରତର କୋଭିଡ ମୁକାବଲା ଉପରେ ମୋଦି କହିଛନ୍ତି, ଭାରତ ଏକ ଲୋକକୈନ୍ଦ୍ରୀକ ରଣନୀତି ଆପଣେଇ ଥିଲା । ଭାରତ ତାର ବାର୍ଷିକ ସ୍ୱାସ୍ଥ୍ୟ ବଜେଟ୍‌ରେ ସବୁଠାରୁ ଅଧିକ ଅର୍ଥ ବରାଦ କରିଥିଲା। ଆମର ଟୀକା କାର୍ଯ୍ୟକ୍ରମ ହେଉଛି ବିଶ୍ୱ ବୃହତ୍ତର। ପ୍ରାୟ ୯୦% ବୟସ୍କ ଲୋକ ଉଭୟ ଡୋଜ୍ ଟିକା ନେଇସାରିଛନ୍ତି। ତା ସହ ୫୦ ନିୟୁତରୁ ଅଧିକ ପିଲା ଟିକା ନେଇସାରିଛନ୍ତି। ଭାରତ ୪ ଟି ହୁ' ଅନୁମୋଦିତ ଟୀକା ନିର୍ମାଣ କରୁଛି। ଏହାର ପ୍ରାୟ ୫୦୦ କୋଟି ଡୋଜ୍ ପ୍ରସ୍ତୁତ ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୯୮ ଟି ଦେଶକୁ ଭାରତ ୨୦୦ ନିୟୁତ ଡୋଜ୍ ଟୀକା ଯୋଗାଇଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ।

# ମୋଦି ସରକାରରେ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯାଉଛି :ଧର୍ମେନ୍ଦ୍ର

ନୂଆଦିଲ୍ଲୀ,(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ମେଡ଼ିକାଲ କଲେଜ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ସାକ୍ଷାତ୍ ଦେଇ କହିଛନ୍ତି ଯେ ନରେନ୍ଦ୍ର ମୋଦି ଦେଶରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଦେଶ ଏବଂ ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୂତ୍ ହେଉଛି । କେନ୍ଦ୍ର ଓ ରାଜ୍ୟର ମିଳିତ ଭାଗିଦାରୀରେ ଓଡ଼ିଶାରେ ବାଲେଶ୍ୱର, ମୟୂରଭଞ୍ଜ, ବଲାଙ୍ଗୀର, କୋରାପୁଟ, ପୁରୀ, ଯାଜପୁର ଓ କଳାହାଣ୍ଡିରେ ମେଡ଼ିକାଲ କଲେଜର କାମ କିଛି ଶେଷ ହୋଇଥିବା ବେଳେ କିଛି କାମ ଜାରୀ ରହିଛି । ଏନଟିପିସି ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଏବଂ ଏମସିଏଲ ଦ୍ୱାରା ତାଳଚେରରେ ମେଡ଼ିକାଲ କଲେଜ ସ୍ଥାପନା କରାଯାଇଛି । ସେହିପରି କଟକ, ସମ୍ବଲପୁର ଏବଂ ବ୍ରହ୍ମପୁରରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି ସହ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ପାଇଁ ମୋଦି ସରକାର ମୁକ୍ତ ହସ୍ତରେ ରାଜ୍ୟକୁ ସହଯୋଗ କରୁଛନ୍ତି ।



ଏହି ସବୁ ପଦକ୍ଷେପ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଧିକ ସୁଦୃଢ଼ ହେଉଛି । ମୋଦି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନୀତି କାରଣରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପୁଳ ପୁଞ୍ଜି ନିବେଶ ହେଉଛି । ଜନଜାତି ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରି ନାଗରିକ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୋଦି ସରକାର କଟିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ସେହିପରି ବହୁ ପ୍ରତିକ୍ଷୀତ ଅନୁଗୋଳ ଜିଲ୍ଲା ତାଳଚେରରେ ମେଡ଼ିକାଲ କଲେଜ ଖୁବ ଶୀଘ୍ର ପୂର୍ଣ୍ଣାଙ୍ଗ ହେଉଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତାଳଚେରରେ ୪୯୨ କୋଟି ବ୍ୟୟରେ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚ ସ୍ଥାପନ ହୋଇଛି । ରାଜ୍ୟ ସରକାର ନୀତିଗତ ଭାବେ ଏହି ମେଡ଼ିକାଲର ପରିଚାଳନା ଦାୟିତ୍ୱ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

# ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ପାଇଁ ମିଳିତ ଭାବେ ଚିନ୍ତା କରିବା ଉଚିତ୍ :ଭୂପେନ୍ଦ୍ର

ନୂଆଦିଲ୍ଲୀ, (ପିଆଇବି): ବ୍ରିକ୍ସ ରାଷ୍ଟ୍ର ସମୂହର ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଉଚ୍ଚସ୍ତରୀୟ ବୈଠକ ଆଭାସୀ ବ୍ୟବସ୍ଥାରେ ମେ ୧୩ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବ୍ୟାପାର ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ ଯୋଗଦେଇଥିଲେ । ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣର ଗୁରୁତ୍ୱ ଦୃଷ୍ଟିରୁ ଏ ବିଷୟରେ ମିଳିତଭାବେ ଚିନ୍ତା କରି



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଶେଷ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ରିକ୍ସର ଏହି ଉଚ୍ଚସ୍ତରୀୟ ବୈଠକ ଏ କ୍ଷେତ୍ରରେ ସହାୟକ ହେବ ବୋଲି ଶ୍ରୀ ଯାଦବ ମତପ୍ରକାଶ କରିଥିଲେ । ସେ କହିଥିଲେ ଯେ ଏବେ ପାରମ୍ପରିକ ଇନ୍ଧନର ବ୍ୟବହାରକୁ ଯଥେଷ୍ଟ ହ୍ରାସ କରି କମ୍ ଅଙ୍ଗାରକାମ୍ଳ ନିର୍ଗମନ କରୁଥିବା ଉର୍ଜାକୁ ଅଧିକରୁ ଅଧିକ ବ୍ୟବହାର କରିବା ସହିତ ବିକାଶ ପ୍ରକ୍ରିୟାକୁ ନିରନ୍ତର କରିବା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଆନ୍ତର୍ଜାତିକ ସହଯୋଗର ଗୁରୁତ୍ୱ ଅଧିକ ।

ଏହି ଉଚ୍ଚସ୍ତରୀୟ ବୈଠକରେ ଚୀନର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ହୁଆଙ୍ଗ ରନ୍କି ଅଧ୍ୟକ୍ଷତା କରିଥିଲେ । ଏଥିରେ ଭାରତ ସମେତ ବ୍ରିକ୍ସ ରାଷ୍ଟ୍ର ବ୍ରାଜିଲ, ରୁଷିଆ, ଦକ୍ଷିଣ ଆଫ୍ରିକା ଆଦିର ବିଭାଗୀୟ ମନ୍ତ୍ରୀମାନେ ଯୋଗଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବ ତାଙ୍କ ଭାଷଣରେ କହିଥିଲେ ଯେ ଭାରତ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବାକୁ ଅଙ୍ଗୀକାରବଦ୍ଧ ଏବଂ ସମ୍ବଳର ଯଥାର୍ଥ ଉପଯୋଗ କରି ଅପଚୟ ରୋକିବା ସହିତ ଜୀବନଶୈଳୀରେ ପରିବର୍ତ୍ତନ ଆଣି ନିରନ୍ତର ବିକାଶ ହାସଲ କରିବାରୁ ଉଦ୍ୟମ କରୁଛି ।

# ଉପାନ୍ତ ଅଞ୍ଚଳରେ ସାର୍ବଜନୀନ ଓ ସମାନତାପୂର୍ଣ୍ଣ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦେବା କେନ୍ଦ୍ରର ଲକ୍ଷ୍ୟ: ଅଶ୍ୱିନୀ

ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାରା ଦେଶରେ, ବିଶେଷ କରି ଗ୍ରାମାଞ୍ଚଳରେ ସାର୍ବଜନୀନ ଓ ସମାନତାପୂର୍ଣ୍ଣ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି । ପିଏମ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଧାରାରେ, କେନ୍ଦ୍ର ସଞ୍ଚାର, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ଓ ରେଳବାଇ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ରାଇଟ୍ ଅଫ୍ ୱେ (ଆରଓଡବ୍ଲୁ) ଅନୁମୋଦନ ପାଇଁ ''ଗତିଶକ୍ତି ସଞ୍ଚାର'' ପୋର୍ଟାଲ (www.sugamsanchar.gov.in) କୁ ଶନିବାର (ମେ ୧୪, ୨୦୨୨ରେ ଉନ୍ମୋଚନ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବ, ଆଇଟି ସଚିବଙ୍କ ସମେତ ସାରା ଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ । ବିବିଏନଏଲ, ଭାରତୀୟ ଏୟାରଟେଲ ଲିମିଟେଡ, ବିଏସଏନଏଲ/ ଏମଟିଏନଏଲ, ସିଓଏଆଇ, ଡିଆଇପିଏ, ଇଣ୍ଡସ ଟାୱାର୍ସ, ଆଇଏସପିଏଆଇ, ରିଲାଏନ୍ସ ଜିଓ, ଷ୍ଟେରଲାଇଟ, ଭୋଡାଫୋନ ଆଇଡିଆ ଆଦି





ବିଭିନ୍ନ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ/ସିଏମଡି/ଡିଜି/ଅଧ୍ୟକ୍ଷ/ ଉପାଧ୍ୟକ୍ଷମାନେ ସାମିଲ ହୋଇଥିଲେ । ଜାତୀୟ ବ୍ରଡବ୍ୟାଣ୍ଡ ମିଶନକୁ କେନ୍ଦ୍ରରେ ରଖାଯାଇ ଏହି ପୋର୍ଟାଲକୁ ବିକଶିତ କରାଯାଇଛି । ନାଗରିକମାନଙ୍କ ମୌଳିକ ଆବଶ୍ୟକତା ଭାବେ ଏବଂ ଚାହିଦା ଅନୁସାରେ ପ୍ରଶାସନ ଓ ସେବା କ୍ଷେତ୍ରକୁ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦେବାକୁ ଏହି ମିଶନରେ ଲକ୍ଷ୍ୟ ରଖାଯାଇଛି । ଏହା ମାଧ୍ୟମରେ ବିଶେଷ କରି ନାଗରିକଙ୍କ ଡିଜିଟାଲ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି । ଦେଶବ୍ୟାପୀ, ବିଶେଷ କରି ଗ୍ରାମୀଣ ଓ ଉପାନ୍ତ ଅଞ୍ଚଳରେ ସାର୍ବଜନୀନ ଓ ସମାନତାପୂର୍ଣ୍ଣ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଡିସେମ୍ବର ୧୭, ୨୦୧୯ରେ ଜାତୀୟ ବ୍ରଡବ୍ୟାଣ୍ଡ ମିଶନ (ଏନବିଏମ) ପ୍ରତିଷ୍ଠା କରାଯାଇଥିଲା। ଏହି ଲକ୍ଷ୍ୟ ପୂରଣ କରିବା ଲାଗି ଦେଶରେ ସୁଦୃଢ଼ତଥା ଦକ୍ଷ ଡିଜିଟାଲ ସଞ୍ଚାର ଭିତ୍ତିଭୂମି ନିର୍ମାଣ କରିବାର ଆବଶ୍ୟକତା ରହିଛି । ଏହାକୁ ସୁନିଶ୍ଚିତ କରିବା ଲାଗି ଦୂରସଞ୍ଚାର ବିଭାଗ ପକ୍ଷରୁ ''ଗତିଶକ୍ତି ସଞ୍ଚାର'' ପୋର୍ଟାଲ ଉନ୍ମୋଚନ କରାଯାଇଛି । ଜାତୀୟ ଡିଜିଟାଲ ସଞ୍ଚାର ନୀତି-୨ରେ କରାଯାଇଥିବା ପରିକଳ୍ପନା ଅନୁଯାୟୀ, ''ସମସ୍ତଙ୍କ ପାଇଁ ବ୍ରଡବ୍ୟାଣ୍ଡ'' ଲକ୍ଷ୍ୟ ହାସଲ ନିମନ୍ତେ ଏହା ଏକ ଦୃଢ଼ ମଞ୍ଚ ଯୋଗାଇ ଦେବ ।ପୋର୍ଟାଲ ଉନ୍ମୋଚନ ଅବସରରେ କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ''ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଦୂରସଞ୍ଚାର ଭିତ୍ତିଭୂମି ପାଇଁ 'ବ୍ୟବସାୟିକ ସୁଗମତା'' ଲକ୍ଷ୍ୟ ହାଲ ଦିଗରେ ଏହି ପୋର୍ଟାଲ ସହାୟକ ହୋଇପାରିବ ।

# କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାର ବାର୍ଷିକ କର୍ମଶାଳା

ନୂଆଦିଲ୍ଲୀ, (ପିଆଇବି): ଆଇ.ସି.ଏ.ଆର, ନୂଆଦିଲ୍ଲୀ ଅଧୀନସ୍ଥ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥା, ଭୁବନେଶ୍ୱରଠାରେ 'କୃଷିରତ ମହିଳା ଅଖିଳ ଭାରତୀୟ ସମନ୍ୱିତ ଅନୁସନ୍ଧାନ ପରିଯୋଜନା' ବିଷୟରେ ଏକ ବାର୍ଷିକ କର୍ମଶାଳା ମେ' ମାସ ୧୨ ଓ ୧୩ ତାରିଖରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାର ଉଦଘାଟନୀ ଉତ୍ସବରେ ଆଇ.ସି.ଏ.ଆରର ଡିଡିଜି, ଶିକ୍ଷା ଡଃ ଆରସି ଅଗ୍ରୱାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଏଡିଜି ଶିକ୍ଷା ଡଃ ପିଏସ ପାଣ୍ଡେ ମୁଖ୍ୟ ବକ୍ତା ରୂପରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ତାଙ୍କର ବକ୍ତବ୍ୟରେ କୃଷି ମହିଳାଙ୍କ ସଶକ୍ତିକରଣରେ ଆଇସିଏଆର-ଶିବାର ମୁଖ୍ୟ ଭୂମିକା ଉପରେ



ଆଲୋକପାତ କରିଥିଲେ । ସେ ମଧ୍ୟ ମାନନୀୟ ପ୍ରଧାନମନ୍ତ୍ରୀଙ୍କର "ଭାରତକୁ କୁପୋଷଣରୁ ମୁକ୍ତ" ଅଭିପ୍ରାୟ କିପରି ମହିଳାମାନଙ୍କ ସାହାଯ୍ୟରେ ଦୂର କରାଯାଇପାରିବ ସେ ବିଷୟରେ କହିଥିଲେ । ମୁଖ୍ୟବକ୍ତା ନ୍ୟୁଟ୍ରି ସ୍ମାର୍ଟ ଭିଲେଜ ପ୍ରୋଗ୍ରାମ ମାଧ୍ୟମରେ କିପରି ମହିଳାମାନଙ୍କର ଆବଶ୍ୟକ ପୋଷଣକୁ ଯୋଗାଇ ଦିଆଯାଇପାରିବ, ତାହା ବକ୍ତବ୍ୟରେ ଦୃଷ୍ଟି ଆକର୍ଷଣ କରିଥିଲେ । ଶିବାର ନିର୍ଦ୍ଦେଶକ ଡଃ ଅନୀଲ କୁମାର ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ମହାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ କାର୍ଯ୍ୟକଳାପକୁ ବିଶ୍ଳେଷଣ କରିଥିଲେ । ପରେ ପରେ ଏକ ପୋଷଣ ମେଳାର ଉଦଘାଟନ କରାଯାଇଥିଲା । ଉକ୍ତ ପ୍ରୋଗ୍ରାମରେ ଭାରତ ବର୍ଷର ୧୮ଟି ଇଓଡଜଚ (women in agriculture) ସେଣ୍ଟରର ଓ ଶିବାର ପ୍ରାୟ ୮୦ ଜଣ ବୈଜ୍ଞାନିକ ଯୋଗଦାନ କରିଥିଲେ । ଟେକ୍ନିକାଲ ସେସନରେ ବୈଜ୍ଞାନିକମାନେ ନିଜ ନିଜ ପ୍ରୋଜେକ୍ଟର କାର୍ଯ୍ୟକଳାପକୁ ଉପସ୍ଥାପନ କରିଥିଲେ । ପ୍ରୋଗ୍ରାମର ଶେଷ ଭାଗରେ ଆଇସିଏଆରର ଡାଇରେକ୍ଟର ଜେନେରାଲ ଡଃ ତ୍ରିଲୋଚନ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃଷିରେ ମହିଳାମାନଙ୍କର ଅବଦାନ ଓ ସେମାନଙ୍କର ଶାରିରୀକ କଷ୍ଟ ଉପରେ ପ୍ରାଧାନ୍ୟ ଦେଇଥିଲେ ।

# ୟୁବ ଟୁରିଜିମ୍ କ୍ଲବ ଗଠନ ସଂକ୍ରାନ୍ତ ପର୍ଯ୍ୟଟନ ମନ୍ତ୍ରଣାଳୟର ପ୍ରୟାସକୁ ସିବିଏସ୍‌ଇର ସମର୍ଥନ

ନୂଆଦିଲ୍ଲୀ, (ପିଆଇବି): ଆଜାଦି କା ଅମୃତ ମହୋତ୍ସବ ପାଳନର ଅଂଶସ୍ୱରୂପ ଦେଶରେ ସବୁ ଟୁରିଜିମ (ପର୍ଯ୍ୟଟନ) କ୍ଲବମାନ ଖୋଲିବା ପାଇଁ ପର୍ଯ୍ୟଟନ ମନ୍ତ୍ରଣାଳୟ ପ୍ରୟାସ ଆରମ୍ଭ କରିଛି । ଏହାର ଉଦ୍ଦେଶ୍ୟ ହେଲା ଯୁବବର୍ଗଙ୍କୁ ଦେଶର ଯଥାର୍ଥ ସଦିଚ୍ଛା ଦୂତ ଭାବେ ତିଆରି କରି ଆମର ସମୃଦ୍ଧ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ପ୍ରାକୃତିକ ଐତିହ୍ୟର ପ୍ରଚାର ଓ ପ୍ରସାର ସମଗ୍ର ବିଶ୍ୱରେ କରାଇବା । ଯୁବବର୍ଗ ଅଧିକରୁ ଅଧିକ ଦେଶର ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ପ୍ରତି ଆକୃଷ୍ଟ ହେଲେ ସେମାନଙ୍କର ସ୍ୱଦେଶ ପ୍ରୀତି ଓ ଭାବନା ବଢିବ ଏବଂ ଦେଶର ପର୍ଯ୍ୟଟନର ବିକାଶରେ ସେମାନେ ଯଥାର୍ଥ ଯୋଗଦାନ କରିପାରିବେ । ଆହୁରି ମଧ୍ୟ ଟୁରିଜିମ୍ କ୍ଲବରେ ଅଂଶଗ୍ରହଣ ଦ୍ୱାରା ସେମାନଙ୍କର ଦଳଗତ କାର୍ଯ୍ୟ, ପରିଚାଳନା, ନେତୃତ୍ୱ ଭଳି କୋମଳ ଦକ୍ଷତା(ସଫ୍ଟ ସ୍କିଲ) ବଢିବ ଏବଂ ଯୁବବର୍ଗ ପର୍ଯ୍ୟଟନର ବିକାଶରେ ଦାୟିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ସୁଯୋଗ ପାଇବେ।

ମାଧ୍ୟମିକ ଶିକ୍ଷା ବୋର୍ଡ ବା ସିବିଏସ୍‌ଇ ପର୍ଯ୍ୟଟନ ମନ୍ତ୍ରଣାଳୟର ଏହି ପ୍ରୟାସକୁ ସମର୍ଥନ ଜଣାଇବାକୁ ଆଗେଇ ଆସିଛି । ସିବିଏସ୍‌ଇ ତାହାର ସବୁ ସହବନ୍ଧିତ ସ୍କୁଲରେ ଯୁବ ଟୁରିଜିମ୍ କ୍ଲବ ଖୋଲିବାକୁ ନିର୍ଦ୍ଦେଶନାମା ଜାରି କରିଛି । ଏ ସମ୍ପର୍କରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି ଯେ ଯୁବ ସମାଜ ଭାରତର ସମୃଦ୍ଧ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ପ୍ରାକୃତିକ ଐତିହ୍ୟର ଶ୍ରେଷ୍ଠ ଦୂତ । ବିଭିନ୍ନ ସ୍କୁଲରେ ଗଠିତ ହେବାକୁ ଥିବା ଯୁବ ଟୁରିଜିମ କ୍ଲବ ଜାତୀୟ ସଂହତିକୁ ସୁଦୃଢ କରିବା ସହିତ ପ୍ରଧାନମନ୍ତ୍ରୀ 'ଏକ ଭାରତ ଶ୍ରେଷ୍ଠ ଭାରତ' ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ । ସେ ଆହୁରି କହିଛନ୍ତି ଯେ ଏବେ ଆମ ଯୁବବର୍ଗ, ବିଶେଷକରି ବିଦ୍ୟାର୍ଥୀମାନେ ଦେଶର ପର୍ଯ୍ୟଟନ ଲକ୍ଷ୍ୟସ୍ଥଳୀଗୁଡିକ ବିଷୟରେ ଅଧିକ ଅବଗତ ହେବେ ଏବଂ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ସହାୟକ ହୋଇପାରିବ । ସେମାନେ ନିଜ ରାଜ୍ୟ ଓ ପଡୋଶୀ ରାଜ୍ୟଗୁଡିକର ସଂସ୍କୃତି, ପର୍ଯ୍ୟଟନ ଓ ଐତିହ୍ୟ ସମ୍ପର୍କ ଅଧିକ ଜାଣିବାକୁ ସୁଯୋଗ ପାଇବେ ଏବଂ ଏହା ଦେଶର ଏକତା ଓ ସଂହତିକୁ ସୁଦୃଢ କରିବ । 'ଦେଖୋ ଅପ୍ନୀ ଦେଶ" ନାମରେ ପ୍ରଧାନମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଛନ୍ତି ତାହାକୁ ମଧ୍ୟ ଏହି ଯୁବ ଟୁରିଜିମ୍ କ୍ଲବ ଅଧିକ ସଫଳ କରିବାରେ ସହାୟକ ହେବ ।

# ନୀତି ଆୟୋଗ ଦ୍ୱାରା ଜାତୀୟ ଡାଟା ଓ ଆନାଲିଟିକ୍ସ ପ୍ଲାଟଫର୍ମର ଶୁଭାରମ୍ଭ

ନୂଆଦିଲ୍ଲୀ, (ପିଆଇବି): ନୀତି ଆୟୋଗ ପକ୍ଷରୁ ଜାତୀୟ ଡାଟା ଓ ଅନାଲିଟିକ୍ସ ପ୍ଲାଟଫର୍ମ (ଏନ୍‌ଡିଏପି) ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଆଜି ଆରମ୍ଭ କରାଯାଇଛି । ଏହି ପ୍ଲାଟଫର୍ମ ବା ମଂଚ୍ଚର ଉଦ୍ଦେଶ୍ୟ ହେଲା ସରକାରୀ ତଥ୍ୟାବଳୀକୁ ଲୋକଙ୍କୁ ସହଜରେ ଯୋଗାଇଦେବା । ଏହା ଫଳରେ ସରକାରୀ ଡାଟା ସଂଗ୍ରହ ସହଜ, ଆନ୍ତଃ ସଂଚାଳିତ, ଆନ୍ତଃକ୍ରିୟ ହେବ ଏବଂ ବ୍ୟବହାର ଅନୁକୂଳ ମଂଚରେ ସର୍ବସାଧାରଣ ଏହାକୁ ଅନାୟାସରେ ପାଇପାରିବେ ।ଏହି ପ୍ଲାଟଫର୍ମ ବିଭିନ୍ନ ସରକାରୀ ସଂସ୍ଥାରୁ ତଥ୍ୟାବଳୀମାନ ସଂଗ୍ରହ କରି ଅତି ସୁସମନ୍ୱିତ ଭାବେ ପ୍ରଦାନ କରୁଛି। ଏହାଛଡା ଏହି ତଥ୍ୟାବଳୀକୁ ଦେଖିବା, ପଢିବା, ବିଶ୍ଳେଷଣ କରିବା ପାଇଁ ଏହି ପ୍ଲାଟଫର୍ମରେ ଆବଶ୍ୟକ 'ଟୁଲ୍ସ'ର ବ୍ୟବସ୍ଥା ରହିଛି । ପୂର୍ବରୁ ଜନସାଧାରଣଙ୍କ ପାଇଁ ୨୦୨୧ ଅଗଷ୍ଟରେ ଏକ 'ବେଟା ରିଲିଜ୍' ବ୍ୟବସ୍ଥା କରାଯାଇଥିଲା ।ଏହାଫଳରେ ସୀମିତ ସଂଖ୍ୟକ ବ୍ୟବହାରକାରୀ ଏହାକୁ ଦେଖିବାର ସୁଯୋଗ ପାଇଥିଲେ । ଏହି କାମଟିକୁ ସେତେବେଳେ ଏହି ବ୍ୟବସ୍ଥାର ପରୀକ୍ଷାମୂଳକ ପ୍ରୟୋଗ ଓ ମତାମତ ପାଇଁ କରାଯାଇଥିଲା । ଏହି ପ୍ଲାଟଫର୍ମରେ ଉପଲବ୍ଧ ଡାଟା ସରକାରୀ କ୍ଷେତ୍ର, ଶିକ୍ଷାନୁଷ୍ଠାନ, ଶିକ୍ଷାବିତ୍, ସାମ୍ବାଦିକତା, ନାଗରିକ ସମାଜ ଓ ଘରୋଇ ଉଦ୍‌ଯୋଗ ପାଇଁ ବିଶେଷ ଉପଯୋଗୀ ହେବ । ସମ୍ପୃକ୍ତ ସବୁ ବର୍ଗର ବ୍ୟବହାରକାରୀଙ୍କ ପାଇଁ ଏଥିରେ ତଥ୍ୟାବଳୀଗୁଡିକୁ ସୁସଂହତ ଭାବେ ରଖାଯାଇଛି । ସମସ୍ତ ଡାଟାସେଟ୍ କମନ ସ୍କିମ୍‌ରେ ମାନକୀକୃତ କରାଯାଇଛି । ଏହାଫଳରେ ତଥ୍ୟାବଳୀଗୁଡିକୁ ଏକାଠି କରି ବିଭିନ୍ନ କ୍ଷେତ୍ରର ତଥ୍ୟ ବିଶ୍ଳେଷଣ କରିବା ସହଜ ହେବ ।

ଏହି ପ୍ଲାଟଫର୍ମକୁ ନୀତି ଆୟୋଗର ଉପାଧ୍ୟକ୍ଷ ଶ୍ରୀ ସୁମନ ବେରୀ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଅମିତାଭ କାନ୍ତ, ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୀତିକ ପରାମର୍ଶଦାତା ଡକ୍ଟର ଅନନ୍ତ ନାଗେଶ୍ୱରନ୍, ନୀତି ଆୟୋଗର ଅନେକ ବରିଷ୍ଠ ଅଧିକାରୀ, ବିଭିନ୍ନ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଅଧିକାରୀ, ଗବେଷକ ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ ।

ଶ୍ରୀ ସୁମନ ବେରୀ ଏହି ପ୍ଲାଟଫର୍ମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ ଏହା ସରକାରୀ ତଥ୍ୟାବଳୀ, ବିଶେଷକରି ଡାଟାକୁ ସର୍ବସାଧାରଣରେ ସହଜରେ ଉପଲବ୍ଧ କରିବାରେ ସହାୟକ ହେବ । ବ୍ୟବହାରକାରୀ ଏହାକୁ ସୁବିଧାରେ ଆକ୍‌ସେସ୍ କରିବା ସହିତ ବିଭିନ୍ନ ଡାଟାକୁ ସହଜରେ ବିଶ୍ଳେଷଣ ଓ ବ୍ୟବହାର କରିପାରିବେ । ଏହି ଅବସରରେ ଆୟୋଜିତ ଏକ କ୍ଷୁଦ୍ର ଆଲୋଚନାଚକ୍ରରେ ସରକାରୀ ଓ ବେସରକାରୀ କ୍ଷେତ୍ରର ବହୁ ବିଶେଷଜ୍ଞ, ବିଷୟବିତ୍, ଗବେଷକ, ଶିକ୍ଷାବିତ୍ ଭାଗ ନେଇଥିଲେ । ସେମାନେ ଆୟୋଗର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ ।

ଶ୍ରୀ ଅମିତାଭ କାନ୍ତ କହିଥିଲେ ଯେ ଏବେ ଡାଟା ଓ ଡିଜିଟାଲ ଟେକ୍ନୋଲୋଜି ଦେଶର ଅର୍ଥନୀତି ଓ ସମାଜରେ ଦ୍ରୁତ ପରିବର୍ତ୍ତନ ଆଣୁଛି । ସରକାରଙ୍କ ଦୈନନ୍ଦିନ ବ୍ୟବହାରରେ ଏହାର ବ୍ୟାପକ ଆବଶ୍ୟକତା ରହିଛି । ଭାରତର ବିକାଶ ଯାତ୍ରାରେ ଏନଡିଏପି ଏକ ମାଇଲଖୁଣ୍ଟ ।

# ତ୍ରିପୁରାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଡ. ମାଣିକ ଶାହା

ଅଗରତାଳା: ତ୍ରିପୁରା ବିଜେପି ସଭାପତି ତଥା ରାଜ୍ୟସଭା ସଦସ୍ୟ ମାଣିକ ଶାହା ରବିବାର ଦିନ ରାଜ୍ୟର ଏକାଦଶ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ଏଠାରେ ରାଜ ଭବନରେ ଆୟୋଜିତ ଏକ ସମାରୋହରେ ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟ ଶପଥ ଗ୍ରହଣ କରାଇଥିଲେ ।ବର୍ତ୍ତମାନ ମାଣିକ ଶାହା ଏକାକୀ ଶପଥ ନେଇଛନ୍ତି । କିଛିଦିନ ପରେ ତାଙ୍କ କ୍ୟାବିନେଟର ସମ୍ପ୍ରସାରଣ ପାଇଁ କଳ୍ପନାଜଳ୍ପନା ଚାଲିଛି । କ୍ୟାବିନେଟରେ କିଏ ରହିବେ ଏହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।



# ନାଲକୋରେ ୨୪ତମ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳିତ





ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ନବରତ୍ନ କେନ୍ଦ୍ରୀୟ ଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ଏହାର ଭୁବନେଶ୍ୱରସ୍ଥିତ ଅନୁସନ୍ଧାନ ଏବଂ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର(NRTC) ଠାରେ ୨୪ତମ ଜାତୀୟପ୍ରଯୁକ୍ତି ବିଦ୍ୟା ଦିବସ ପାଳନ କରିଅଛି । ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡ. କେଶିବନ୍, ଆଭସୀ ମାଧ୍ୟମରେ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଏକ ସ୍ଥିର ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ' ବିଷୟବସ୍ତୁ ଉପରେ ଉପସ୍ଥିତ ସମାବେଶକୁ ସମ୍ବୋଧିତ କରିଥିଲେ। ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଶ୍ରୀଧର ପାତ୍ର, ଅଧ୍ୟକ୍ଷ ଅଭିଭାଷଣ ପ୍ରଦାନ କରିଥିବା ବେଳେ,ଶ୍ରୀ ମନସା ପ୍ରସାଦ ମିଶ୍ର, ନିର୍ଦ୍ଦେଶକ (ପି.ଆଣ୍ଡ.ଟି)ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମଟିରେ ଅଫଲାଇନ୍ ଏବଂ ଅନଲାଇନ୍ ମାଧ୍ୟମରେ ନାଲକୋର ସମସ୍ତ ୟୁନିଟ୍ ତଥା ଦେଶରେ ଅବସ୍ଥିତ କମ୍ପାନୀର ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟ ଗୁଡ଼ିକର କର୍ମଚାରୀମାନେ ଯୋଗ ଦେଇଥିଲେ ।

## ଏପରି ଏକ ଗଛ ଯାହାକୁ ଛୁଇଁଲା ମାତ୍ରେ ମୃତ୍ୟୁ ହୋଇଥାଏ

ବେଳେବେଳେ ଆମେ ଘରକୁ ଏପରି ଗଛ ନେଇଆସୁ ଯାହା ବିଷୟରେ ଆମକୁ କିଛି ଜଣାନଥାଏ। ଗଛମାନେ ଘରର ଶୋଭା ତ ବଢ଼ାନ୍ତି ହେଲେ ବେଳେବେଳେ କିଛି ଗଛ ମଣିଷ ଜୀବନ ପାଇଁ ବିପଦ ବି ହୋଇଥାଆନ୍ତି। ଏପରି ପ୍ରାଣଘାତକ ଗଛର ନାମ ଡମ୍ବକେନ୍। ବିଜ୍ଞାନ ଏହାକୁ ପ୍ରମାଣିତ କରିଛି ଯେ ଏହା ବହୁତ ବିଷାକ୍ତ ଗଛ। ଏହି ଗଛର କ୍ଷୀର ଯଦି ଶରୀରରେ ଲାଗିଯାଏ ତେବେ ତାହା। ଜୋର କୁଣ୍ଡେଇ ହୁଏ। ଏହାର ବିଷ ଏତେ ପ୍ରଖର ଯେ ପିଲାମାନଙ୍କର ଜୀବନ କ୍ଷଣକରେ ଯାଇପାରେ। ବୟସ୍କ ମାନେ ୧୫ ମିନିଟ ଭିତରେ ବି ଜୀବନ ହରାଇ ପାରନ୍ତି। ଏହି ଗଛ କୁ ଛୁଇଁ ଦେଇ ସେହି ହାତକୁ ଆଖିରେ ମାରିଦେଲେ ସବୁଦିନ ପାଇଁ ଅନ୍ଧ ହୋଇଯିବାର ଡର ବି ରହେ।



## ଦାନ୍ତ ସଫାକରିବା ପାଇଁ ଘରୋଇ ଉପଚାର




**ହସିବାକୁ ସମସ୍ତେ ପସନ୍ଦ କରିଥାଆନ୍ତି। କିନ୍ତୁ ଅନେକ ଲୋକ ହସିଲା ବେଳେ ନିଜ ଦାନ୍ତ ପାଇଁ ମୁହଁଲୁଚାଇ ଥା'ନ୍ତି। ତେବେ ଦାନ୍ତ କଳା ପଡିଥିଲେ ବା ହଳଦିଆ ପଡିଥିଲେ, ତାହାକୁ ଲୁଚାଇବା ପରିବର୍ତ୍ତେ ଦାନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ଦାନ୍ତ ସଫା କରିବାର ଏହି ଘରୋଇ ଉପଚାରକୁ ଆପଣାନ୍ତୁ।**

- ଯେଉଁମାନେ ଅଧିକ ଧୂମ୍ରପାନ, ଆଲକହଲ, ପାନ ଖାଆନ୍ତି କିମ୍ବା ଦାନ୍ତକୁ ଠିକ୍ ଭାବରେ ସଫା ନ କରନ୍ତି ସେମାନଙ୍କ ଦାନ୍ତ ଧିରେ ଧିରେ ମଇଳା ହୋଇଯାଏ। ଯଦି ଦାନ୍ତ ହଳଦିଆ ପଡୁଥାଏ ତେବେ ଚିନ୍ତା ନ କରି ଘରୋଇ ଉପଚାର ଅବଲମ୍ବନ କରି ଦାନ୍ତ ସଫା କରନ୍ତୁ।
- ଷ୍ଟ୍ରବେରୀ,ଲେମ୍ବୁ ଓ କମଳାରେ ସାଇଟ୍ରିକ୍ ଏସିଡ ରହିଛି। ତେଣୁ ଏଥିରେ ଦାନ୍ତ ସଫା କଲେ ଚିକ୍ ଚିକ୍ କରିବା ସହ ଦୁର୍ଗନ୍ଧରୁ ରକ୍ଷା ମିଳି ଥାଏ। ଯଦି ଆପଣ ଧଳା ଚିକ୍‌ଚିକିଆ ଦାନ୍ତ ଚାହୁଁଛନ୍ତି ତେବେ ଦିନକୁ ଦୁଇ ଥର ଦାନ୍ତକୁ ଲେମ୍ବୁ ରସରେ ମାଲିସ କରନ୍ତୁ। ଦାନ୍ତ ସଫା ହୋଇଯିବ। ଦାନ୍ତକୁ କମଳା ଚୋପାରେ ସ୍କ୍ରବ୍ କରନ୍ତୁ। ଦାନ୍ତ ଧଳା ହୋଇଯିବ।
- ସେହିପରି ଷ୍ଟ୍ରବେରୀ ଦ୍ୱାରା ମଧ୍ୟ ଦାନ୍ତ ସଫା ହୋଇଥାଏ। କିଛି ଷ୍ଟ୍ରବେରୀ ନେଇ ଦାନ୍ତରେ ଘସିଲେ ଦାନ୍ତ ଉଜ୍ଜ୍ୱଳ ହୋଇଥାଏ। ବେକିଂ ସୋଡା ଏକପ୍ରକାର ପ୍ରାକୃତିକ ପଦାର୍ଥ। ଏଥିରେ ଦାନ୍ତ ଘସିଲେ ଦାନ୍ତ ଉଜ୍ଜ୍ୱଳ ହୋଇଥାଏ। ବେକିଂ ସୋଡା ଏକପ୍ରକାରର ବ୍ଲିଚ, ଯାହା ଦାନ୍ତକୁ ସହଜରେ ସଫା କରିଥାଏ। ବେକିଂ ସୋଡାକୁ ନେଇ ବ୍ରସରେ ଘସନ୍ତୁ। ଏହାକୁ ୪-୫ ମିନିଟ ଯାଏ ପ୍ରତିଦିନ ଘସନ୍ତୁ। ଗରମ ପାଣିରେ ବେକିଂ ସୋଡାକୁ ମିଶାଇ ଗାର୍ଗିଲ କରନ୍ତୁ। ମୁହଁରୁ ପାଣି ବାହାର କରିବା ପରେ ଦାନ୍ତକୁ ଅଙ୍ଗୁଳିରେ ସ୍କ୍ରବ୍ କରନ୍ତୁ। ଏହାଦ୍ୱାରା ଦାନ୍ତ ଉଜ୍ଜ୍ୱଳ ଦେଖାଯିବ ।

## ଏବେ ପେଟର ଜାଞ୍ଚ କରିବ ଟାବଲେଟ ଆକାରର ରୋବୋଟ

ମାନବ ଦ୍ୱାରା ନିର୍ମିତ ରୋବର୍ଟ ବିଭିନ୍ନ କ୍ଷେତ୍ରରେ ନିଜର ଦମଦାର ଉପଯୋଗିତା ଦେଖାଇ ଚାଲିଛି। ବ୍ୟବସାୟ କ୍ଷେତ୍ରରେ ହେଉ ବା ଚିକିତ୍ସା କ୍ଷେତ୍ରରେ, ହେଲେ ଚୀନ୍ ର ଟାବଲେଟ ଆକାରର ରୋବର୍ଟ ଚିକିତ୍ସା କ୍ଷେତ୍ରରେ କ୍ରାନ୍ତି କରୀ ପରିବର୍ତ୍ତନ କରିଦେଇଛି। ଏହି ନୂଆରୋବର୍ଟ କୁ ରୋଗୀ ଗିଳିପାରେ। ଯାହାଶରୀର ଭିତରକୁ ଯାଇ ପାଚନ ତନ୍ତ୍ର ର ଅବଲୋକନ ଓ ଏଣ୍ଡୋସ୍କୋପିସ୍ ରେ ସାହାଯ୍ୟ କରେ। ଗବେଷକ ଏହିରୋବର୍ଟର ବ୍ୟବହାର କରିବା ପାଇଁ ୧୦୦ରୁ ଅଧିକ ହସପିଟାଲକୁ ପଠାଇଛନ୍ତି। ଏହି ରୋବର୍ଟର ନିର୍ମାଣ ସିଲିକନ ଭ୍ୟାଲି ସ୍ଥିତ ଚିନି ସଂଯୁକ୍ତଉଦ୍ୟମ କମ୍ପାନୀ କରିଛି। ଏହି ରୋବର୍ଟ ମ୍ୟାଗନେଟିକ୍ ପୋଜିସନିଂଚିପ୍ ଏକ ଖୋଜିବା ଯନ୍ତ୍ର ଓ ପ୍ରକାଶ ଯୁକ୍ତ ଅଟେ। ପାରମ୍ପରିକ ଏଣ୍ଡୋସ୍କୋପି ର ବିକଳ୍ପ ରୂପରେ ଏହି ନୂଆ ଟେକ୍‌ନିକ୍ ବିନା କିଛି ଅସୁବିଧା ରେ ରୋଗୀର ପେଟରେ ୧୫ ମିନିଟ ରହି ୩୬୦° ର ଗଭୀର ପରୀକ୍ଷା କରିପାରେ।





## ଏସିଡିଟିର ଘରୋଇ ଉପଚାର

ଆଜିକାଲି ବ୍ୟସ୍ତ ବହୁଳ ଦୁନିଆରେ ଏସିଡିଟି ଛୋଟବଡ ପ୍ରାୟ ଅନେକାଂଶ କ୍ଷେତ୍ରରେ ଦେଖା ଦେଇଥାଏ। ବ୍ୟସ୍ତ ବହୁଳ ଜୀବନରେ ମଣିଷ ତାର ଖାଇବାର ରୂଚିକୁ ସଂଯମରେ ରଖିପାରୁ ନାହିଁ। ଫଳରେ ସେ ସ୍ୱାଦ ଲାଳସାରେ ତେଲ ବା ସେହି ଭଳି ଖାଦ୍ୟ ଯାହା ଏସିଡିଟି ବା ଅମ୍ଳଦୋଷ କୁ ବଢାଇଥାଏ। ଏହି କ୍ଷେତ୍ରରେ ଖାଦ୍ୟର କିଛି ମାତ୍ରା ପେଟ ଭିତରେ ହଜମ ହୋଇପାରେ ନାହିଁ. ଏବଂ ପେଟରେ ଅମ୍ଳ ଅଧିକ ହେବା ଦ୍ୱାରା ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ।

ହାଇଡ୍ରୋକ୍ଲୋରିକ୍ ମାତ୍ରା ଶରୀରରୁ କମି ଯିବା ଫଳରେ ଏପରି ହୋଇଥାଏ। ଏହାକୁ ଅମ୍ଳ ଦୋଷ କୁହାଯାଏ। କାରଣ: ମାନସିକ ଚାପମଧ୍ୟ ଏହି ରୋଗର ପ୍ରଧାନ କାରଣ। ଧୁର୍ମପାନ, ମଦ୍ୟାପାନ, ଆମ ପାଚନ ତନ୍ତ୍ରକୁ ଦୁର୍ବଳ କରିଦେଇଥିବାରୁ ଏସିଡିଟି ସୃଷ୍ଟି ହୋଇଥାଏ। ଅତ୍ୟଧିକ ରାଗ ମଧ୍ୟ ଏସିଡିଟି ସୃଷ୍ଟି କରିଥାଏ।

ଉପସମ : ଅଳ୍ପ ଅଦାକୁ ଛେଚି, ସେଥିରେ ଧନିଆ ମିଶାଇ ଖାଇଲେ ଏସିଡିଟିରୁ ମୁକ୍ତି ମିଳିଥାଏ। ଦହି ଖାଇବା ଦ୍ୱାରା ସଂଗେ ସଂଗେ ଏସିଡିଟିରୁ ମୁକ୍ତି ମିଳିଥାଏ। ସେଓ ରସ ଓ ମହୁକୁ ମିଶାଇ ପିଇଲେ ମଧ୍ୟ ଏଥିରୁ ରକ୍ଷା ମିଳେ। ଜୀରା ପାଣିକୁ ଫୁଟାଇ ପିଇଲେ ଅମ୍ଳ ଦୋଷରୁ ମୁକ୍ତି ମିଳିଥାଏ। ପୁଦିନା ରସ ଏହି କ୍ଷେତ୍ରରେ ବେଶ ଲାଭକାରୀ। ଲବଙ୍ଗକୁ ଚୋବାଇ ଖାଇଲେ ମଧ୍ୟ ଅମ୍ଳ ଦୋଷରୁ ମୁକ୍ତି ମିଳିଥାଏ। କାକୁଡି ତରଭୁଜ ଓ କଦଳୀ ପରି ଫଳ ଏସିଡିକୁ ଠିକ୍ କରି ଦେଇଥାଏ।

## ଚର୍ମର ଦାଗ, ଚିହ୍ନ ଓ ଜଳାପୋଡାରୁ ରକ୍ଷା ପାଇବାର ଘରୋଇ ଉପଚାର

**ସୌନ୍ଦର୍ଯ୍ୟ ଆତ୍ମବିଶ୍ୱାସ ବଢାଇଥାଏ। ଆତ୍ମବିଶ୍ୱାସ ହିଁ ସଫଳତାର ପ୍ରଥମ ଚାବିକାଠି। ତେଣୁ ଗରମ ଦିନରେ ସୂର୍ଯ୍ୟଙ୍କର ହାନୀକାରକ ଅଲ୍ଟ୍ରାଭାଓଲେଟ କିରଣ ସ୍କିନ୍ କୁ ସିଝାଇ ଦେଇଥାଏ। ଫଳରେ ଚର୍ମ କଳା ପଡିଯାଏ ଓ ଜଳାପୋଡା ହୁଏ। ପ୍ରକୃତି ବି ଛାଡିବାବାଲା ନୁହେଁ। ସେ ବି ସବୁ କାରଣର ନିରାକାରଣ ରଖିଛି। ଯାହାର ବ୍ୟବହାର କରି ଆମେ ଏହି ସମସ୍ୟା ମାନଙ୍କରୁ ମୁକ୍ତି ପାଇପାରିବା। ଚର୍ମ ଜଳାପୋଡା ଦୂର କରିବା ପାଇଁ ଆଳୁ କିଛି ବରଦାନ ଠାରୁ କମ ନୁହେଁ। ଆଳୁ କୁ ଧୋଇ ଛୋଟ ଛୋଟ ଖଣ୍ଡରେ କାଟନ୍ତୁ। ଏହାକୁ ବାଟି ପାରନ୍ତି ମଧ୍ୟ। ଏହାର ରସକୁ ପ୍ରଭାବିତ ସ୍ଥାନରେ ଲଗାନ୍ତୁ। ଶୁଖିଯିବା ପରେ ଥଣ୍ଡା ପାଣିରେ ସ୍ନାନ କରିନେବେ। ଏହିପରି ୪-୫ ଥର କରିବା ପରେ ଆରାମ ମିଳେ।**

**ନଡ଼ିଆ ତେଲ:** ଆପଣ ଏହାକୁ ସନବ୍ଲାକ ସ୍ଥାନରେ ବ୍ୟବହାର କରିପାରନ୍ତି। ତ୍ୱଚାର ସିଝିଯାଇଥିବା ସ୍ଥାନ ବା କଳାପଣ ର ପ୍ରଭାବିତ ଜାଗାରେ ଏହା ଲାଭକାରୀ ହୋଇଥାଏ। ଏହାକୁ ଲଗାଇବା ପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ।

**ଆଲୋଭେରା ଜୁସ୍:** ଆଲୋଭେରା ପତ୍ର ମଝିରେ ଥିବା ଗାଢ ଜେଲିକୁ ପ୍ରଭାବିତ ଜାଗାରେ ଲଗାଇଲେ ଏହା ଜଳାପୋଡା ରୁ ଆରାମ ଦେବା ସହ ମୃତ ତ୍ୱଚା ହଟାଇବାରେ ସହାଯ୍ୟ କରେ।


**ଗ୍ରୀନ୍ ଟି:** ଏଥିରେ ଟେନିନ୍ ଏସିଡ ଥାଏ। ଯାହା ତ୍ୱଚାକୁ ଥଣ୍ଡା କରେ। ୨କପ ଗରମ ପାଣିରେ ୨ଟି ଟି -ବ୍ୟାଗ ପକାଇ ପୁଣି ଥଣ୍ଡା ହେବାପରେ ଏହି ପାଣିରେ କଟନ କପଡା ବୁଡାଇ ଲଗାନ୍ତୁ। ଆପଣ ଚାହାନ୍ତି ତ ଗାଧୁଆ ପାଣିରେ ବି ଟି-ବ୍ୟାଗ ପକାଇ ପାରନ୍ତି।

**ଥଣ୍ଡା କ୍ଷୀର:** ଏହା ବି ତ୍ୱଚା ପାଇଁ ବହୁତ ଉପଯୋଗୀ ହୋଇଥାଏ। କ୍ଷୀରରେ ଲ୍ୟାକ୍ଟୋ - ପ୍ୟାଲିଓ ଥାଏ। ଯାହା ତ୍ୱଚାକୁ ଖରାରୁ ରକ୍ଷା କରିବା ସହ ମୃତ କୋଷିକା ଗୁଡିକୁ ବାହାର କରିଦେଇଥାଏ। ଗୋଟେ ପାତ୍ରରେ ଥଣ୍ଡା କ୍ଷୀର ରଖି ତୁଳା ସାହାଯ୍ୟରେ ଏହାକୁ ଶରୀରରେ ଲଗାନ୍ତୁ। ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଲୋଚାକୋଚା ତ୍ୱଚାରେ ଭୁଲରେ ବି ପେଟ୍ରୋଲିୟମ ଜେଲି ଲଗାଇବେ ନାହିଁ। ଏହା ତ୍ୱଚାର ଛିଦ୍ର ବନ୍ଦ କରିଦିଏ।

**ସାୱାର ସ୍ନାନ:** ଥଣ୍ଡାପାଣିରେ ଅଳ୍ପ ବେକିଂ ସୋଡା ମିଶାଇ ଗାଧୋଇଲେ ଶରୀରର ଜଳାପୋଡା କମ ହୋଇଥାଏ। ସୋଡା ମିଶା ପାଣିରେ ପ୍ରାୟ ୧୦-୧୫ ମିନିଟ ଯାଏ ତ୍ୱଚାକୁ ବୁଡାଇ ରଖନ୍ତୁ। ଏହା ବ୍ୟତିତ ପାଣିରେ ଓଟମିଲ ମିଶାଇ ତ୍ୱଚା ସଫା କରିଲେ ତାହା ଉଜ୍ଜ୍ୱଳ ହୋଇଥାଏ।



## ମାଛ ଖାଇଲେ ପିଲାମାନଙ୍କର ଆଇକ୍ୟୁ ଷ୍ଟ୍ରଙ୍ଗ ହୁଏ



ଯଦି ଆପଣ ଆପଣଙ୍କ ପିଲାମାନଙ୍କର ମାନସିକ ବୁଦ୍ଧିମତା ବା ଆଇକ୍ୟୁ ବଢାଇବାକୁ ଚାହାନ୍ତି ତେବେ ସପ୍ତାହରେ ଥରେ ମାଛ ଅବଶ୍ୟ ଖୁଆନ୍ତୁ। ଗବେଷକ ଜଣାଇଛନ୍ତି, ଜମା ମାଛ ଖାଉ ନଥିବା ପିଲା ମାନଙ୍କ ତୁଳନାରେ ସପ୍ତାହରେ ଥରେ ମାଛ ଖାଉଥିବା ପିଲା ମାନେ ବୋ ଭଲ ନିଦରେ ଶୁଅନ୍ତି। ଓ ସେମାନଙ୍କର ଆଇକ୍ୟୁ ଅନ୍ୟ ପିଲା ମାନଙ୍କ ତୁଳନାରେ ଭଲ ରହେ। ଯେଉଁପିଲା ମାନଙ୍କର ଖାଦ୍ୟରେ କେବେ କେବେ ମାଛ ସାମିଲ ହୁଏ ସେମାନଙ୍କଠାରେ ଆଇକ୍ୟୁ ସ୍କୋର ୩.୩ ଅଙ୍କ ବେଶି ଦେଖାଯାଇଛି। ଏହା ବ୍ୟତିତ ବେଶି ମାଛ ଖାଇଥିବା ପିଲାମାନଙ୍କ ଠାରେ ନିଦ ସମ୍ବନ୍ଧୀୟ ଅନ୍ୟ ଅସୁବିଧା ଦେଖାଯାଏ।

ପ୍ରଥମ ଗବେଷଣା ରୁ ଜଣାଯାଇଛି ଓମେଗା -୩ କଥା। ଓମେଗା-୩ କେତେକ ପ୍ରକାରର ମାଛ ଠାରୁ ମିଳେ। ଏହାଦ୍ୱାରା ବୁଦ୍ଧିମତାରେ ସୁଧାର ସହିତ ଭଲ ନିଦ ହୁଏ। ଗବେଷକ କହନ୍ତି, ନିଦ ଅଭାବ ହେଲେ ଅସାମାଜିକ ତତ୍ୱ ବୃଦ୍ଧି ଘଟେ। ଗବେଷକ କହିଛନ୍ତି, ଓମେଗା ୩ ଅସାମାଜିକ ବ୍ୟବହାର କୁ କମ୍ କରେ , ଏହା ମାଛ ରୁ ମିଳେ ବୋଲି ଗବେଷକ ମାନେ କହନ୍ତି।

## ୫ମିନିଟ ରେ ଚେହେରା ଚମକାଦର ହୋଇଯିବ...

- ମୁହଁର ଉଜ୍ଜ୍ୱଳତା ବଢାଇବାକୁ କିଏ ବା ନ ଚାହେଁ। ଏଥିପାଇଁ କାଇଁ କେତେ ପ୍ରଡକ୍ଟ ବଜାରରେ ଅଛି। ହେଲେ ଘରେ ଥିବା କିଛି ଜିନିଷରେ ମାତ୍ର ୫ ମିନିଟରେ ଆପଣଙ୍କ ତ୍ୱଚା ଚମକି ଯିବ। ଏହି ଖାସ ଫେସପ୍ୟାକ କୁ ଆପଣ କେଉଁ ଫଙ୍କସନ କୁ ଯିବା ପୂର୍ବରୁ ଓ ମେକଅପ ଲଗାଇବା ପୂର୍ବରୁ କରିପାରିବେ।
- ଏଥିପାଇଁ ନଡିଆ, ଲେମ୍ବୁ ଓ ମହୁ ନିଅନ୍ତୁ। ଏହା ପୂର୍ବରୁ ଏକଛୋଟ ଚାମଚ ନଡିଆ ତେଲ ନିଅନ୍ତୁ ଓ ତାକୁ ଗରମ କରି ଦିଅନ୍ତୁ।
- ଏହି ହାଲକା ଗରମ ତେଲରେ ଫାଳେ ଲେମ୍ବୁ ଓ ଟିକେ ମହୁ ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ଫେସପ୍ୟାକ୍।
- ଏହି ପ୍ୟାକ୍ କୁ ମାତ୍ର ୫ମିନିଟ ଯାଏ ମୁହଁରେ ଲଗାଇ ରଖନ୍ତୁ। ପରେ ମୁହଁ ଧୋଇ ଦିଅନ୍ତୁ। ଏପରି କରିଲେ ମୁହଁ ଗୋରା ହୋଇଯିବ। ପରୀକ୍ଷା କରି ଜାଣିପାରିବେ।

## କେଉଁ କେଉଁ ଖାଦ୍ୟ ଏକା ସାଙ୍ଗେ ଖାଇଲେ ଚର୍ମ ରୋଗ ହେବାର ଆଶଙ୍କା ଥାଏ



ଆଜି ଆମେ କହିବୁ କେଉଁ କେଉଁ ଖାଦ୍ୟ ଏକା ସାଙ୍ଗେ ଖାଇଲେ ଚର୍ମ ରୋଗ ହୋଇଥାଏ।

୧- କଲରା ସହ କେବେ କଦଳୀ ଖାଇବେନି। କଲରାର କିଛି ବି ତରକାରୀ ବା ଭଜା ସହ କଦଳୀ ଖାଇଲେ ଚର୍ମ ରୋଗ ହୋଇଥାଏ। କଲାରା ଖାଇବାର ୮ଘଣ୍ଟା ପରେ କଦଳୀ ଖାଇ ପାରିବେ।

୨- ଦହି ଓ ଲେମ୍ବୁ କୁ କେବେ ବି ଏକା ସହ ଖାଇବେନି। କିଛି ଲୋକ ଖାଦ୍ୟ ସହ ଲେମ୍ବୁ ଖାଇବାକୁ ପସନ୍ଦ କରନ୍ତି ଓ ଖାଦ୍ୟ ପରେ ମିଠା ଦହି ବି ଖାଇ ଦିଅନ୍ତି। ଏପରି କଲେ ଚର୍ମ ରୋଗ ଦେଖାଯାଏ।

୩- ମାଛ ଓ କ୍ଷୀର କୁ କେବେ ବି ଏକାଠି ମିଶାଇ ଖାଇବେନି। କେବଳ ମାଛ ନୁହେଁ ମାଂସ ବା ଅଣ୍ଡା ସହ ବି କ୍ଷୀର ଖାଇବା ହାନି କାରକ ହୋଇଥାଏ।

## ଉପବାସରୁ ବଳି କିଛି ଔଷଧ ନାହିଁ



ଦୁନିଆର ସବୁ ଧର୍ମ ଉପବାସକୁ ମହତ୍ୱ ଦେଇଛି। ବିଶେଷ କରି ରୋଗପରେ ଉପବାସକୁ ସବୁଠାରୁ ଭଲ ଚିକିତ୍ସା କୁହାଯାଏ। ଆର୍ୟୁବେଦରେ ରୋଗକୁ ଦୂରକରିବା ପାଇଁ ଶରୀରର ବିଷାକ୍ତ ତତ୍ୱକୁ ଦୂର କରିବା କଥା କୁହାଯାଏ। ତେଣୁ ଉପବାସ କରିବା ଦ୍ୱାରା ଶରୀରର ବିଷାକ୍ତ ତତ୍ୱ ବାହାରି ଯାଏ। ତେଣୁ ଉପବାସକୁ ସର୍ବଶ୍ରେଷ୍ଠ ଔଷଧ କୁହାଯାଏ। ସଂସାରର ସବୁ ଧର୍ମରେ ଉପବାସକୁ ଈଶ୍ୱରଙ୍କ ନିକଟତର ହେବା କଥା କହିଥାଏ। ଧାର୍ମିକ ମାନ୍ୟତା ରୁ ଉର୍ଦ୍ଧରେ ଏହା ନିର୍ବିବାଦ ସତ୍ୟ ଅଟେ ଯେ ଉପବାସ କରିଲେ ଶରୀର ସ୍ୱସ୍ଥ ରହିଥାଏ। ସମ୍ଭବତଃ ଏହାର ମହତ୍ୱ ବୁଝି ସବୁ ଧର୍ମର ପ୍ରଣେତା ଏହାକୁ ଧାର୍ମିକ ରତିନିତି ସହ ଜଡିତ କରିଦେଲେ। ଯେପରି ଲୋକେ ଉପବାସର ଅନୁଶାସନରେ ବାନ୍ଧି ହୋଇଯିବେ। ଆର୍ୟୁବେଦ ସହିତ ସବୁ ଚିକିତ୍ସା ପଦ୍ଧତିରେ ଉପବାସ ଅର୍ଥାତ ପେଟ ଖାଲି ରଖିବା ର ପ୍ରଥା ଅଛି। ଯଦିଓ ସବୁ ରୋଗର ଚିକିତ୍ସା ଉପବାସ ନୁହେଁ ହେଲେ ଅଧିକାଂଶ ସମସ୍ୟା ରେ ଏହା ଉପକାରୀ ଅଟେ। ଉପବାସର ଧାର୍ମିକ ଅର୍ଥ ଗ୍ରହଣ ନକରି ଏହାର ଚିକିତ୍ସା ଅର୍ଥ ବୁଝିବା ଉଚିତ। ପେଟ ଖାଲି ରଖିବାର ଅର୍ଥ ଉପବାସ। ଏହା ଥାଏରାଇଡ, ଆଜମା, ଉଚ୍ଚରକ୍ତଚାପ, ସର୍ବଦା ଲାଗୀରହୁଥିବା ଥକାପଣ, କୋଲାଇଟିସ, ସ୍ପାଷ୍ଟିକ୍‌କୋଲନ, ଇରିଟେବଲ ବାବେଲ, ଲକୱା, ସହିତ ନ୍ୟୁରୋଲୋଜିଆ, ନ୍ୟୁରୋସିସ ଓ ଅନ୍ୟ କେତେକ ମାନସିକ ରୋଗରେ ବି ଲାଭ ପ୍ରଦ ହୋଇଥାଏ।





# ୨୨ରୁ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ଚେସ୍ ଫେଷ୍ଟିଭାଲ୍: ମୋଟ ପୁରସ୍କାର ରାଶି ୨୫ଲକ୍ଷ ଟଙ୍କା




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): କିଟ୍ ଓ କିସ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ପକ୍ଷରୁ ଏମ୍‌ପିଏଲ୍ ୧୦ମ ଜାତୀୟ ସ୍କୁଲ୍ ଚାମ୍ପିଅନ୍‌ସିପ୍ ୨୦୨୨ ମେ ୧୬ ତାରିଖଠାରୁ କିସ୍ ଇଣ୍ଡୋର ଷ୍ଟାଡ଼ିଅମଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଚାମ୍ପିଅନ୍‌ସିପ୍‌ରେ ଅଣ୍ଡର-୭, ଅଣ୍ଡର-୯, ଅଣ୍ଡର-୧୧, ଅଣ୍ଡର-୧୩, ଅଣ୍ଡର-୧୫ ଓ ଅଣ୍ଡର ୧୭ ଓପନ୍ ଓ ବାଳିକା ବର୍ଗର ଚେସ୍ ଅନୁଷ୍ଠିତ ହେବ। ମେ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିଅନ୍‌ସିପ୍‌ର ମ୍ୟାଚ୍‌ଗୁଡ଼ିକ ସକାଳ ୯ଟାଠାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ହଲ୍‌ରେ ଅନୁଷ୍ଠିତ ହେବ। କେବଳ ଭାରତୀୟ ସ୍କୁଲସ୍ତରର ଛାତ୍ରଛାତ୍ରୀମାନେ ଏହି ଚାମ୍ପିଅନ୍‌ସିପ୍‌ରେ ଅଂଶଗ୍ରହଣ କରିପାରିବେ। ଏଥିରେ ଭାରତୀୟ ଚେସ୍ ଫେଡେରେସନ୍‌ଠାରୁ ସ୍ୱୀକୃତି ପାଇଥିବା ରାଜ୍ୟ ଚେସ୍ ଆସୋସିଏସନ୍ ଜରିଆରେ ଖେଳାଳିମାନେ ପଞ୍ଜିକରଣ କରିପାରିବେ ବୋଲି ଓଡ଼ିଶା ଚେସ୍ ଆସୋସିଏସନ୍ ପକ୍ଷରୁ ଏହା ସମ୍ପାଦକ ଦେବବ୍ରତ ଭଞ୍ଜ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଚାମ୍ପିଅନ୍‌ସିପ୍‌ରେ ୧୨ଟି ବର୍ଗରେ ଶ୍ରେଷ୍ଠ ବିଜେତାଙ୍କୁ ମୋଟ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ବର୍ତ୍ତମାନ ଓଡ଼ିଶାରୁ ୧୪୨ ସ୍କୁଲ୍ ପିଲାଙ୍କ ସମେତ ୧୦୨୪ ଖେଳାଳି ଏହି ଚାମ୍ପିଅନ୍‌ସିପ୍‌ରେ ଖେଳିବା ପାଇଁ ପଞ୍ଜୀକରଣ କରିସାରିଥିବା ବେଳେ ୧୫ଶହ ଅଭିଭାବକ ରହିଛନ୍ତି। ୩୦ ଆର୍ବିଟର ଓ ୫୦ ଅଫିସିଆଲ୍ ମଧ୍ୟ ଏହି ଚାମ୍ପିଅନ୍‌ସିପରେ ଯୋଗଦେବେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ବିରାଟ ଚାମ୍ପିଅନ୍‌ସିପ ଆୟୋଜନ କରାଯାଉଛି। ସେହିପରି କିଟ୍ ସହଯୋଗରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ପକ୍ଷରୁ ମେ ୨୨ତାରିଖଠାରୁ ୧୩ତମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ଚେସ୍ ଫେଷ୍ଟିଭାଲ୍ ୨୦୨୨ ଅନୁଷ୍ଠିତ ହେବ। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ହଲ୍‌ରେ ହେବାକୁ ଥିବା ଏହି ଚାମ୍ପିଅନ୍‌ସିପ୍‌ରେ ୧୦ଟି ଦେଶରୁ ଗ୍ରାଣ୍ଡ ମାଷ୍ଟରଙ୍କ ସହ ଅନ୍ତର୍ଜାତୀୟସ୍ତରର ୭ଶହ ଖେଳାଳି ମଧ୍ୟ ଏଥିରେ ଯୋଗ ଦେଉଥିବା ବେଳେ ମୋଟ ପୁରସ୍କାର ରାଶି ୨୫ ଲକ୍ଷ ଟଙ୍କା ରଖାଯାଇଛି। କିଟ୍ ଏଭଳି ଜାତୀୟ ଓ ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତା ଆୟୋଜନ କରାଯାଉଥିବାର ଓଡ଼ିଶା ଚେସ୍ ଆସୋସିଏସନ୍ ଓ ଭାରତୀୟ ଚେସ୍ ଫେଡେରେସନ୍ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍-କିସ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଲ୍ ଇଣ୍ଡିଆ ଚେସ୍ ଫେଡେରେସନ୍‌ର ଯୁଗ୍ମ ସଚିବ ରଞ୍ଜନ ମହାନ୍ତି, ଓଡ଼ିଶା ଚେସ୍ ଆସୋସିଏସନ୍ କୋଷାଧ୍ୟକ୍ଷ ଭବେଶ ମହାନ୍ତି, ଇଣ୍ଟରନ୍ୟାସ୍‌ନାଲ୍ ଆର୍ବିଟର୍ ସୁରେଶ ଚନ୍ଦ୍ର ସାହୁ, ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ କାର୍ଯ୍ୟକରିଣୀ ସଦସ୍ୟ ପ୍ରଦୀପ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପରଲୋକରେ ମହାନ୍ ଅଷ୍ଟ୍ରେଲୀୟ କ୍ରିକେଟ୍‌ର




ନୂଆଦିଲ୍ଲୀ: ନିକଟ ଅତୀତରେ ପ୍ରଖ୍ୟାତ୍ କ୍ରିକେଟ୍ ଖେଳାଳି ସେନ୍ ୱାର୍ନ୍ ଏବଂ ରଅଡ୍ ମାର୍ଶଙ୍କ ମୃତ୍ୟୁ ଘଟିଥିବା ବେଳେ ଗତରାତିରେ ମହାନ୍ ଅଷ୍ଟ୍ରେଲୀୟ ଅଲରାଉଣ୍ଡର୍ ଆଣ୍ଡ୍ରୁ ସାଇମଣ୍ଡଜ୍‌ଙ୍କ ମୃତ୍ୟୁ କ୍ରିକେଟ୍ ଖେଳ ପ୍ରତି ଆଉ ଏକ ଦାରୁଣ ଦୁଃଖ କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୯୮ରୁ ୨୦୦୯ ମଧ୍ୟରେ ୪୬ ବର୍ଷୀୟ ଆଣ୍ଡ୍ରୁଜ୍ ଅଷ୍ଟ୍ରେଲିଆ ତରଫରୁ ୨୬ଟି ଟେଷ୍ଟ୍ ଏବଂ ୧୯୮ଟି ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଥିଲେ।

ପ୍ରାପ୍ତ ସୂଚନା ଅନୁସାରେ, କୁଇନ୍‌ସ୍‌ଲାଣ୍ଡ୍ ପ୍ରଦେଶର ଟାଉନ୍‌ସ୍‌ଭାଇଲ୍ ବାହାରେ ଏକାକୀ କାର୍ ଚଳାଇ ଯାଉଥିଲେ। ଆଲିସ୍ ନଦୀ ସେତୁ ନିକଟ ହର୍‌ଭେରି ରେଞ୍ଜ୍ ରୋଡ୍‌ରେ ତାଙ୍କ କାର୍ ରାସ୍ତାରୁ ଖସିଯିବା ସହ ଗଡି ଗଡି ତଳେ ପଡିଥିଲା। ତାଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ୍ ଏବଂ ଏମର୍ଜେନ୍ସି ସର୍ଭିସ୍ ଆପ୍ରାଣ ଉଦ୍ୟମ କରିଥିଲେ କିନ୍ତୁ, ଭୀଷଣ ଆଘାତ ପାଇଥିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। 'ଫୋରେନ୍‌ସିକ୍ କ୍ରାସ୍ ୟୁନିଟ୍' ଘଟଣାର ତଦନ୍ତ କରୁଛି।

ଶ୍ରଦ୍ଧାରେ 'ରୟ' ବୋଲି ଡକାଯାଉଥିବା ସାଇମଣ୍ଡ୍‌ଜ୍ ୧୯୯୮ରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ଏକ ଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍‌ରେ ପ୍ରଥମେ ଖେଳ ଆରମ୍ଭ କରିଥିଲେ। ଏହି ୫୦ ଓଭର୍ ଖେଳରେ ଅଲ୍-ରାଉଣ୍ଡର୍ ସାଇମଣ୍ଡ୍‌ଜ୍ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାରେ ସମର୍ଥ ହୋଇଥିଲେ। ୧୯୮ଟି ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍ ଖେଳି ସେ ୫୦୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ଏଥିରେ ରହିଛି ୬ଟି ଶତକ ଓ ୩୦ଟି ଅର୍ଦ୍ଧଶତକ। ଜଣେ ଅସାଧାରଣ ବୋଲର୍ ଭାବେ ସେ ୧୩୩ଟି ୱିକେଟ୍ ନେଇଛନ୍ତି।


ଏହା ବ୍ୟତିରେକେ, ଅଷ୍ଟ୍ରେଲିଆ ଜିଣିଥିବା ୨ଟି ବିଶ୍ୱକପ୍‌ରେ ମଧ୍ୟ ତାଙ୍କର ଅବଦାନ ଥିଲା। ତାଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରି 'କ୍ରିକେଟ୍ ଅଷ୍ଟ୍ରେଲିଆ'ର ଅଧ୍ୟକ୍ଷ ଲାଚ୍‌ଲାନ୍ ହେଣ୍ଡର୍‌ସନ୍ ଦେଇଥିବା ବିବୃତିରେ କହିଛନ୍ତି: ଅଷ୍ଟ୍ରେଲୀୟ କ୍ରିକେଟ୍ ତା'ର ଆଉ ଜଣେ ପାରଦର୍ଶୀଙ୍କୁ ହରାଇଲା।

# ଥୋମାସ କପ୍ ୨୦୨୨ରେ ଇତିହାସ ରଚିଲା ଭାରତ




ନୂଆଦିଲ୍ଲୀ, (ପିଆଇବି): ଥୋମାସ କପରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ବ୍ୟାଡମିଣ୍ଟନ ଦଳ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଫୋନ ଯୋଗେ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ବିଜେତା ଦଳକୁ ଅଭିନନ୍ଦନ ଜଣାଇବା ସହିତ କହିଥିଲେ ଯେ, ଏହି ସଫଳତାକୁ କ୍ରୀଡା ବିଶ୍ଳେଷକମାନେ ଭାରତର ଶ୍ରେଷ୍ଠତମ କ୍ରୀଡା ବିଜୟ ଭାବେ ବିବେଚନା କରିବେ । ଭାରତୀୟ ଦଳ କୌଣସି ରାଉଣ୍ଡରେ ପରାଜିତ ହୋଇନଥିବାରୁ ସେ ବିଶେଷ ଭାବେ ଆନନ୍ଦିତ ଥିବା ପ୍ରଧାନମନ୍ତ୍ରୀ କହିଥିଲେ । ଏକ ଅଭୂତପୂର୍ବ ପଦକ୍ଷେପ ନେଇ, ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର ଆଜି ଭାରତୀୟ ପୁରୁଷ ବ୍ୟାଡମିଂଟନ୍ ଦଳ, ଯିଏ ପ୍ରଥମ ଥର ପାଇଁ ପ୍ରତିଷ୍ଠିତ ଥୋମାସ୍ କପ୍ ଜିତି ଇତିହାସ ସୃଷ୍ଟି କରିଛନ୍ତି, ସେହି ଦଳକୁ ଏକ କୋଟି ଟଙ୍କାର ପୁରସ୍କାର ରାଶି ଦେବା ପାଇଁ ଘୋଷଣା କରିଛନ୍ତି । ବ୍ୟାଙ୍କକ୍ ଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍ରେ ୧୪ ଥର ଚାମ୍ପିଅନ୍ ହୋଇଥିବା ଇଣ୍ଡୋନେସିଆ ଉପରେ ଭାରତୀୟ ଦଳ ୩ – ୦ ଅନୁପାତର ଚମତ୍କାର ବିଜୟ ପ୍ରାପ୍ତ କରିଛନ୍ତି ।



# ପତ୍ନୀଙ୍କ ଗ୍ଲାମରସ୍ ଲୁକ୍ ଦେଖି ଭାରତୀୟ କ୍ରିକେଟର ବାଉଳା

ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ୍ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି। ଚହଲଙ୍କ ପତ୍ନୀ ଧନଶ୍ରୀ ବର୍ମା, ଯିଏ ନିଜର କୋରିଓଗ୍ରାଫି ପାଇଁ ବେଶ ଜଣାଶୁଣା । ଅନେକ ସମୟରେ ତାଙ୍କର ସୌନ୍ଦର୍ଯ୍ୟକୁ ନେଇ ମଧ୍ୟ ହଇଚଇ ସୃଷ୍ଟି ହୁଏ। ଧନଶ୍ରୀଙ୍କ ଫଟୋକୁ ସୋସିଆଲ ମିଡିଆରେ ତାଙ୍କର ପ୍ରଶଂସକମାନେ ପସନ୍ଦ କରନ୍ତି । ବର୍ତ୍ତମାନ ସେ ତାଙ୍କର ଗ୍ଲାମର୍ସ ଫଟୋ ପାଇଁ ଏବେ ପୁରା ଚର୍ଚ୍ଚାରେ ଅଛନ୍ତି । ଧନଶ୍ରୀ ବର୍ମା ସୋସିଆଲ ମିଡିଆରେ ସବୁବେଳେ ତାଙ୍କର ଖାସ୍ ଫଟୋ ଓ ଭିଡିଓ ସେୟାର କରନ୍ତି । ନିକଟରେ ଧନଶ୍ରୀ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ତାଙ୍କର ସବୁଠୁ ଭଲ ଫଟୋ ସେୟାର କରିଛନ୍ତି । ଫଟୋରେ ତାଙ୍କର ଏଭଳି ଗ୍ଲାମର୍ସ ଲୁକ୍ ଦେଖି ସ୍ୱାମୀ ଯୁଜବେନ୍ଦ୍ର ଚହଲ ମଧ୍ୟ ତାଙ୍କ ଫଟୋକୁ ନେଇ ମଜାଳିଆ ମନ୍ତବ୍ୟ ଦେଇଛନ୍ତି । ଫଟୋରେ ଧନଶ୍ରୀ ଏକ ୱାଇନ୍ ରଙ୍ଗର ପୋଷାକ ପିନ୍ଧିଥିବା ଦେଖିବାକୁ ମିଳୁଛି । ନିଜକୁ ଅଧିକ ସୁନ୍ଦର ଦେଖାଇବା ପାଇଁ ସେ କେଶ ଖୋଲା କରଥିବା ନଜରରେ ଆସୁଛନ୍ତି । ବିଭିନ୍ନ ଶୈଳିରେ ପୋଜ୍ ଦେଉଥିବା ଦେଖିବାକୁ ମିଳିଛି । ଏହି ଛବିଗୁଡିକୁ ସେୟାର୍ କରିବାବେଳେ ଧନଶ୍ରୀ ଭର୍ମା ଏକ ସ୍ୱତନ୍ତ୍ର କ୍ୟାପସନ୍ ମଧ୍ୟ ଲେଖିଛନ୍ତି । ତାଙ୍କର ଏହି ଫଟୋ ଏବେ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି । ଯାହାକୁ ଯୁଜବେନ୍ଦ୍ର ଚହଲ ମଧ୍ୟ ପ୍ରଶଂସା କରି ଏକ ମଜାଳିଆ ମନ୍ତବ୍ୟ ମଧ୍ୟ ଦେଇଛନ୍ତି। ଚହଲ ତାଙ୍କ ମନ୍ତବ୍ୟରେ 'ନିୟୁକ୍ଲିୟର ବମ୍' ଲେଖିଛନ୍ତି ।

# ବିଗ୍ ବିଙ୍କୁ ମିଳିଛି ସରକାରୀ ନୋଟିସ୍

ବଲିଉଡର ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନ୍ ଜଣେ ଦାୟିତ୍ୱ ସଂପନ୍ନ କଳାକାର ଭାବେ ବେଶ୍ ଜଣାଶୁଣା । ଚଳଚ୍ଚିତ୍ର ଜଗତରେ ତାଙ୍କର ପରିଚୟ ସ୍ୱତନ୍ତ୍ର । ଚଳଚ୍ଚିତ୍ର ବ୍ୟତୀତ ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି ସେ । ବର୍ତ୍ତମାନ ଅମିତାଭ ଅଧିକାଂଶ ସମୟରେ ସୋସିଆଲ ମିଡିଆରେ ସକ୍ରିୟ ରହୁଥିବା ଦେଖିବାକୁ ମିଳୁଛି । ପ୍ରଶଂସକମାନଙ୍କ ପାଇଁ ଅମିତାଭ କିଛି ଖାସ୍ ବାର୍ତ୍ତା ପୋଷ୍ଟ କରନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟକୁ ନେଇ ତାଙ୍କୁ ସରକାରୀ ନୋଟିସ୍ ମିଳିଥିବା କଥା କହିଛନ୍ତି । ତେବେ ଏହି ଘଟଣା ବିଷୟରେ ଦିଗ୍ଗଜ ତାଙ୍କର ବ୍ଲଗରେ ଖୁଲାସା କରିଛନ୍ତି । ଅନେକ ସମୟରେ ଅମିତାଭ ବଚ୍ଚନ ମଧ୍ୟ ତାଙ୍କ ବ୍ଲଗରେ କେତେଗୁଡ଼ିଏ କଥାର ଖୁଲାସା କରନ୍ତି । ଗୁରୁବାର ଦିନ ସେ ନିଜ ବ୍ଲଗରେ କହିଛନ୍ତି ଯେ ସୋସିଆଲ ମିଡିଆ ପୋଷ୍ଟ ହେତୁ ତାଙ୍କୁ ସରକାରଙ୍କ ତରଫରୁ ଏକ ନୋଟିସ୍ ମିଳିଛି । ସୋସିଆଲ ମିଡିଆ ସମ୍ବନ୍ଧରେ ସରକାରଙ୍କ ନୂଆ ନିର୍ଦ୍ଦେଶାବଳୀକୁ ନେଇ ବଚ୍ଚନ କହିଛନ୍ତି ଯେ ଏହା କିପରି ସୋସିଆଲ୍ ମିଡିଆ ବ୍ୟବହାରକାରୀଙ୍କୁ ନିଜ ପୋଷ୍ଟର ପ୍ରମୋସନ ପାଇଁ ବାଧା ସୃଷ୍ଟି କରୁଛି ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୫ତମ ମୁଖ୍ୟ ନିର୍ବାଚନ...

ପାଳନ କରିବ, ଭାରତୀୟ ନିର୍ବାଚନ କମିଶନ (ଇସିଆଇ) କଡା ପଦକ୍ଷେପ ନେବା କ୍ଷେତ୍ରରେ ପଛଘୁଂଚା ଦେବ ନାହିଁ ।"ଶ୍ରୀ କୁମାର ଏହା ମଧ୍ୟ କହିଥିଲେ ଯେ, ଉନ୍ନତ ନିର୍ବାଚନ ପରିଚାଳନା ଏବଂ ସଂଚାଳନ ନିମନ୍ତେ ପାରଦର୍ଶିତା ଆଣିବା ଏବଂ ମତଦାତା ସେବାଗୁଡିକୁ ସହଜ କରିବା ନିମନ୍ତେ ପ୍ରକ୍ରିୟା ଗୁଡିକୁ ଏବଂ ପ୍ରଥା ଗୁଡିକୁ ସରଳୀକରଣ କରିବା ନିମନ୍ତେ ପ୍ରଯୁକ୍ତିକୁ ଭବିଷ୍ୟତରେ ପ୍ରମୁଖ ସାଧନ କରାଯିବ ।

### ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ...

ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଉପସାଗରୀୟ ଦେଶ ଓ ବିଶ୍ୱର ଅନ୍ୟ ଦେଶ ଗୁଡ଼ିକ ସହ ଭାରତ ଏକ ସହଯୋଗୀ ରାଷ୍ଟ୍ର ହୋଇପାରିଛି। ସରକାର ଦେଶର ଯୁବକଙ୍କ ଆକାଂକ୍ଷାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରୁଛନ୍ତି ଏବଂ ଭବିଷ୍ୟତ କାର୍ଯ୍ୟ ପାଇଁ ମଧ୍ୟ ପ୍ରସ୍ତୁତ କରୁଛି। ସରକାର ଦକ୍ଷ ଓ ନିର୍ଭରଯୋଗ୍ୟ ମାନବସମ୍ବଳ ପ୍ରସ୍ତୁତ କରୁଛନ୍ତି । ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ ଦ୍ୱାରା ଦେଶ ଓ ବିଶ୍ୱ ଅର୍ଥନୀତି ଗତିଶୀଳ ହେବ । ଭାରତ ଏବଂ ୟୁଏଇ ମଧ୍ୟରେ ଦୃଢ଼ ସମ୍ପର୍କ ରହିଛି ଏବଂ ଆଜିର ଏହି ଏମଓୟୁ ଅନ୍ୟ ଏକ ସଫଳ ଭାଗିଦାରୀ ହେବ, ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ୍ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

### ବାଚସ୍ପତିଙ୍କ ସହ...

ଉପରେ ପ୍ରାଧାନ୍ୟ ଦେଇ ଆସିଛନ୍ତି ବୋଲି ବାଚସ୍ପତି ଡଃ. ପାତ୍ର ପ୍ରକାଶ କରିଛନ୍ତି। ନାରୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ହେଲେ ହିଁ କୌଣସି ରାଜ୍ୟ ତଥା ଦେଶର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ମିଶନ ଶକ୍ତି ଯୋଜନା ମାଧ୍ୟମରେ ଓଡିଶାର, ମୁଖ୍ୟତଃ ଗ୍ରାମାଂଚଳର ମହିଳାମାନେ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ସଶକ୍ତ ହୋଇପାରିଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ଉଷାଦେବୀ ଉଲ୍ଲେଖ କରିଛନ୍ତି। ମହିଳା ସଶକ୍ତିକରଣ ଉପରେ ରାଜ୍ୟ ସରକାରଙ୍କ ବହୁବିଧ ପଦକ୍ଷେପକୁ ଡାନିଏଲ୍ ସିମ୍ ପ୍ରଶଂସା କରିଛନ୍ତି।

### ଅନୁନ୍ନତ ଜିଲ୍ଲାରେ ...

ସହିତ ଯୋଗସୂତ୍ରରେ ରହି ରାଜ୍ୟରେ ଅଧିକ ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ପ୍ରତିଷ୍ଠା ପାଇଁ ନୂଆ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତି ନେଇ ମନ୍ତ୍ରୀ ବିଭାଗୀୟ ଅଧୀକାରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି 'ମୋ ସରକାର'ରେ କିପରି ଲୋକଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ ସେଥିନେଇ ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରାଙ୍କ ସମେତ ଅତିରିକ୍ତ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ରାଜ୍ୟସ୍ତରୀୟ ବନଖଣ୍ଡ ...

ପାନୀୟ ଜଳଯୋଗାଣ, ନୂଆ ରେଳପଥ ନିର୍ମାଣର ଉଦାହରଣ ଦେଇ ସେ ସମ୍ପର୍କିତ ପ୍ରତିବନ୍ଧକ ଦୂର କରିବା ଦିଗରେ ଅଧିକାରୀମାନେ ଉଦ୍ୟମ କରିବାକୁ ସେ କହିଥିଲେ ୨୦୨୨-୨୩ ବର୍ଷର ଆକ୍ସନ୍ ପ୍ଲାନ୍ ଅନୁଯାୟୀ ଆଗାମୀ ବର୍ଷା ଋତୁରେ ବନୀକରଣ ଓ ଚାରୋରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ କହିଥିଲେ। ରାଜ୍ୟର ବୃହତର ସ୍ୱାର୍ଥ ନିମନ୍ତେ ବନଖଣ୍ଡ ଅଧିକାରୀମାନେ ନିଷ୍ଠା ଓ ଆନ୍ତରିକତାର ସହ କର୍ତବ୍ୟ ସମ୍ପାଦନ କରିବା ସହିତ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନସନ୍ ସଂକ୍ରାନ୍ତୀୟ ମାମାଲାଗୁଡିକର ଫଏସଲା ଉପରେ ମନ୍ତ୍ରୀ ଶ୍ରୀ ଆରୁଖ ଗୁରୁତ୍ୱ ଦେଇଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା କହିଥିଲେ ଯେ ନିଜ ବନଖଣ୍ଡରେ ହେଉଥିବା କାର୍ଯ୍ୟ ପାଇଁ ବନଖଣ୍ଡ ଅଧିକାରୀମାନେ ଅନ୍ୟ ସହଯୋଗୀ ବିଭାଗ ସହ ନିୟମିତ ଭାବେ ଆଲୋଚନାପୂର୍ବକ ବିଭିନ୍ନ ସମସ୍ୟାର ସମାଧାନ କରିପାରିବେ। ଜଙ୍ଗଲ ଜମିର କ୍ଷତିଭରଣା କରିବା ପାଇଁ ଅଧିକରୁ ଅଧିକ ଲ୍ୟାଣ୍ଡବ୍ୟାଙ୍କ ସୃଷ୍ଟି, ବ୍ୟାପକ ଚାରା ଉତ୍ପାଦନ କାର୍ଯ୍ୟରେ ବନ ସୁରକ୍ଷା ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମ୍ପୃକ୍ତି ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଶର୍ମା ଗୁରୁତ୍ୱାରୋପ କରିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶିଶିର କୁମାର ରଥ ସମସ୍ତ ଅଧିକାରୀଙ୍କ ସମ୍ପୃକ୍ତ ବନଖଣ୍ଡରେ କାର୍ଯ୍ୟାବଳୀ ସମୀକ୍ଷା କରିବା ସହ ବିଭିନ୍ନ ବିଷୟ ନେଇ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ(ବନ୍ୟପ୍ରାଣୀ) ଶଶି ପାଲ୍, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର), ସୁଶୀଲ କୁମାର ପପ୍‌ଲି, ଓଡିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସୁରେଶ ପନ୍ଥ, ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓମ୍ ପ୍ରକାଶ ସିଂ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିବାବେଳେ 'କାମ୍ପା'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ ରାଜ୍ କରାଟ୍ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରତ୍ୟକ୍ଷ ବିକ୍ରୟ କ୍ଷେତ୍ରରେ ...

ଉପରେ ନଜର ରଖିବା ଏବଂ ଗ୍ରାହକଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ନିକଟରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ପ୍ରତ୍ୟକ୍ଷ ବିକ୍ରୟ ନିୟମ ଅନୁଯାୟୀ ରାଜ୍ୟରେ ଏହାର ପ୍ରୟୋଗାତ୍ମକ ପଦ୍ଧତି ପ୍ରଣୟନ ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ଗ୍ରାହକମାନେ ଉତ୍ପାଦ ନେଇ ସବୁକିଛି ଯାଞ୍ଚ କରିବା ଉଚିତ ଏବଂ ବିଭ୍ରାନ୍ତିକର ପ୍ରତିଶ୍ରୁତିରୁ ଦୂରେଇ ରହିବା ଉଚିତ । ସିଧାସଳଖ ବିକ୍ରୟ ବ୍ୟବସାୟରେ ଭାରତୀୟ ପ୍ରତ୍ୟକ୍ଷ ବିକ୍ରୟ ସଂଘ ଉତ୍ପାଦର ଗୁଣବତା ଏବଂ ନୈତିକ ମାନଦଣ୍ଡ ସୁନିଶ୍ଚିତ କରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଦୋହରାଇଛନ୍ତି । ସିଧାସଳଖ ବିକ୍ରୟ ଉଦ୍ଦେଶ୍ୟରେ ଯଦି କୌଣସି ସଂସ୍ଥା କିମ୍ବା ବିକ୍ରେତା ପିରାମିଡ୍ ସ୍କିମ୍ ଗ୍ରହଣ କରନ୍ତି, ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏହିପରି ସଂସ୍ଥା କିମ୍ବା ବିକ୍ରେତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ । ଗ୍ରାହକମାନେ କୌଣସି ଠକେଇ କିମ୍ବା ବେଆଇନ ବ୍ୟବସାୟିକ କାର୍ଯ୍ୟକଳାପର ଶିକାର ହେବା ଭଳି କାର୍ଯ୍ୟକଳାପ ପ୍ରତି ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ଅବଲମ୍ବନ କରୁଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି ।

### ବ୍ରାହ୍ମଣୀ ସେତୁକୁ ...

ଗୋଟିଏ ପାର୍ଶ୍ୱକୁ ଚକିତ ମାସ ଶେଷ ସୁଦ୍ଧା ଯାତାୟାତ ଉପଯୋଗୀ କରାଯିବ। ଜୁନ୍ ମାସ ଶେଷ ସୁଦ୍ଧା ଏହି ସେତୁକୁ ୬ ଲେନ୍ ବିଶିଷ୍ଟ କରି ପୂର୍ଣ୍ଣାଙ୍ଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେଏହି ସେତୁ ସମ୍ପୂର୍ଣ୍ଣ ହେବାପରେ ରାଉରକେଲା ସହରରେ ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଭାରିଯାନଗୁଡିକ ସହର ଭିତରକୁ ନଆସି ବାଇପାସ୍ ରାସ୍ତା ଦେଇ ଯାତାୟତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ଫଳରେ ପ୍ରଦୂଷଣ ମଧ୍ୟ ନିୟନ୍ତ୍ରଣ ହୋଇପାରିବ ।

ସୂଚନାଯୋଗ୍ୟ, ୨୦୨୩ରେ ହେବାକୁ ଥିବା ପୁରୁଷ ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ରାଉରକେଲା ସହରରେ ବିଭିନ୍ନ ଉନ୍ନୟନମୂଳକ କାମ ସହିତ ସୌନ୍ଦର୍ଯ୍ୟକରଣ କାମ କରାଯାଉଛି । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଏହିସବୁ କାର୍ଯ୍ୟ ବୁଲି ଦେଖିଥିଲେ। ମୁଖ୍ୟତଃ ସେ କୋଏଲନଗରସ୍ଥିତ ବୈକୁଣ୍ଠ ଘାଟ ନିକଟରେ ନିର୍ମାଣାଧୀନ ରିକ୍ରିଏସନାଲ ପାର୍କ, ଟ୍ରାଫିକ ଗେଟ୍ ନିକଟରେ ଚାଲିଥିବା ପାର୍କିଂ ସ୍ଥଳ ଓ ପାନପୋଷଠାରେ ବହୁତଳ ମାର୍କେଟ କଂପ୍ଲେକ୍ସର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। କାମର ଗୁଣାତ୍ମକ ମାନ ବଜାୟ ରଖି ଏହିସବୁ ପ୍ରକଳ୍ପ ନିର୍ମାଣ ନିର୍ଦ୍ଧାରିତ ସମୟ ସୀମା ଭିତରେ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।






# ‘ଓଡ଼ିଶା ସଂଦେଶ’ର ପ୍ରତିଷ୍ଠାତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଙ୍କୀ ଅଞ୍ଚଳର ଜଣାଶୁଣା ବ୍ୟକ୍ତିତ୍ୱ,ତଥା ‘ଓଡ଼ିଶା ସଂଦେଶ’ର ପ୍ରତିଷ୍ଠାତା ଓ ମୁଖ୍ୟ ସମ୍ପାଦକ ସ୍ୱର୍ଗତ ହରେନ୍ଦ୍ର କିଶୋର ଦାସଙ୍କ ଏକଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଗତ ୧୪ ତାରିଖରେ ବଂଶୀଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ମୃତ୍ୟୁ ବାଙ୍କୀ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ହରାଇଲା ବୋଲି ବକ୍ତବ୍ୟରେ କହିଥିଲେ । ସେ ଘୋଷଣା କରିଥିଲେ ଯେ, ବାଙ୍କୀ ଏନ୍.ଏ.ସି.ର କାଉନସିଲର ମିଟିଂରେ ଏକ ରାସ୍ତା ସ୍ୱର୍ଗତ ହରେନ୍ଦ୍ର ମାର୍ଗ ନାମରେ ନାମିତ କରିବାକୁ ପ୍ରସ୍ତାବ ଦିଆଯିବ ବୋଲି ଉପସ୍ଥିତ ଥିବା ସମସ୍ତ କାଉନସିଲରଙ୍କୁ ଅନୁରୋଧ କରିଥିଲେ । ସୂଚନାଯୋଗ୍ୟ, ସ୍ୱର୍ଗତ ଦାସ ବାଙ୍କୀ ଏନ୍.ଏ.ସି.ର ତିନି ଥର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ସେ ମଧ୍ୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ଜନତା ଥିଏଟରରେ ବିଭିନ୍ନ କ୍ଲବ ତରଫରୁ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ‘ଚାକିରି ଓ ମିଳନର ଶେଷ’ ଶୀର୍ଷକ ନାଟକରେ ଅଭିନୟ କରି ସର୍ବତ୍ର ଚର୍ଚ୍ଚିତ ହୋଇଥିଲେ । ସ୍ୱର୍ଗତ ଦାସ ଏକାଧାରରେ ଜଣେ ସୁଲେଖକ, ପରୋପକାରୀ, ସମାଜସେବୀ, ନିର୍ଦ୍ଦେଶକ ଥିଲେ । ବାଙ୍କୀ ଅଞ୍ଚଳ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ହରାଇଲା ବୋଲି ସେ କହିଥିଲେ । ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବାଙ୍କୀ-ଡମପଡ଼ା ଅଞ୍ଚଳର ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ସାହୁ, ଲେଖକ ଡଃ ଜଗଦୀଶ୍ ପଟ୍ଟନାୟକ,ଲେଖକ ଡଃ ମନୋଜ ମହାପାତ୍ର , ବି.ଇ.ଓ. ଅଶୋକ ପଟ୍ଟନାୟକ, ପ୍ରେସ୍ କ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର (ବୁଲୁ), ଭାଗିରଥୀ ବିଶ୍ୱାଳ, ମାୟାଧର ପ୍ରଧାନ ବାଙ୍କୀ ଏନ୍.ଏ.ସିର ଅଧକ୍ଷା ଓ ସମସ୍ତ କାଉନସିଲର, ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଦାସ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।









Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com
ସମ୍ପାଦକ: ଅଜୟ ଦାସ **Editor :Ajay Das**